# ପଟ୍ଟା ପାଇଁ ଦହଗଞ୍ଜ ହେଉଛନ୍ତି ଜମି ମାଲିକ

**ଭୁବନେଶ୍ୱର, ୧୦।୧(ସମିସ):**

ଜମିର ପୁରୁଣା ସାବକ ରେକର୍ଡ ଓ ନୂଆ ହାଲ୍ ପାଇଁ ଦହଗଞ୍ଜ ହେଉଛନ୍ତି ଜମି ମାଲିକ। ଚକବନ୍ଦୀ କାର୍ଯ୍ୟାଳୟରେ କର୍ମଚାରୀ ନଥିବାରୁ ଜମି ସମ୍ବନ୍ଧୀୟ ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ପାଇଁ ମାସାଧିକ କାଳ ଜମି ମାଲିକଙ୍କୁ ଅପେକ୍ଷା କରିବାକୁ ପଡୁଛି। ଖୋଦ୍ ରାଜଧାନୀରେ ଟଙ୍କପାଣି ରୋଡ୍‌ସ୍ଥିତ ଚକବନ୍ଦୀ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଗୋଟିଏ ସାବକ ପଟ୍ଟା ପାଇଁ ଆବେଦନ କଲେ, ଏକ ମାସରୁ ଅଧିକ ସମୟ ଲାଗୁଛି। ତେବେ କେବଳ ଭୁବନେଶ୍ୱର ନୁହେଁ, ସାରା ରାଜ୍ୟରେ ଚକବନ୍ଦୀ କାର୍ଯ୍ୟାଳୟର ସ୍ଥିତି ଏପରି ଦୁର୍ବିସହ ହୋଇପଡ଼ିଥିବା ଜଣାପଡ଼ିଛି। ଫଳରେ ଲୋକମାନଙ୍କ ବର୍ଷ ବର୍ଷର ରେକର୍ଡ ସଠିକ ସମୟରେ ମିଳିପାରୁନି। ଫଳରେ ଯେଉଁ ଜମିଜମା ସମସ୍ୟାର ସମାଧାନ ହେବା ବଦଳରେ ଜମିର ମାଲିକାନା ସତ୍ତ୍ୱ ସାଧାରଣ ଲୋକଙ୍କ ହାତରୁ ଚାଲି ଯିବା ଭଳି ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଟଙ୍କପାଣି ରୋଡ୍‌ରେ ଥିବା ଏହି କାର୍ଯ୍ୟାଳୟ ୧୯୭୬ ମସିହାରୁ ଭଡ଼ା ଘରେ ଚାଲିଛି। ଦୀର୍ଘ ବର୍ଷ ଧରି ଭଡ଼ା ସୂତ୍ରରେ ଏହି କାର୍ଯ୍ୟାଳୟ ଚାଲୁଥିଲେ ହେଁ ଏହାର ନିଜସ୍ୱ କାର୍ଯ୍ୟାଳୟ ଏଯାବତ୍ ହୋଇପାରି ନାହିଁ। ଭୁବନେଶ୍ୱରରେ ଥିବା ଅନ୍ୟ କାର୍ଯ୍ୟାଳୟ ଭଳି ଏହି କାର୍ଯ୍ୟାଳୟର ଗୁରୁତ୍ୱ ବେଶ ଅଧିକ। କାରଣ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା, ବାଲିପାଟଣା, ପିପିଲି, ଟାଙ୍ଗୀ, ଚାନ୍ଦପୁର ଓ ଜଟଣୀ ଆଦି ପ୍ରମୁଖ ଅଞ୍ଚଳର ଶାବକ ଜମି ପଟ୍ଟାର ରେକର୍ଡ ରହିଛି। ମାସକୁ ୧୮ଶହରୁ ୨ହଜାର ଆବେଦନ ଜମି ପଟ୍ଟା ନିମିତ୍ତ ଆବେଦନ ଏହି କାର୍ଯ୍ୟାଳୟରେ କରାଯାଉଛି। ହେଲେ କର୍ମଚାରୀ ଅଭାବରୁ ଲୋକମାନଙ୍କୁ ସଠିକ ସମୟରେ ଆବଶ୍ୟକ କାଗଜପତ୍ର ମିଳିପାରୁନାହିଁ। ଏହି କାର୍ଯ୍ୟାଳୟ ଖୋଲିବାବେଳେ ଏଠି ୬୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଥିବାବେଳେ ଏବେ ଏହି ସଂଖ୍ୟା ଏକ ଅଙ୍କକୁ ଖସି ଆସିଛି। କାର୍ଯ୍ୟାଳୟ ମୁଖ୍ୟ ତଥା ଉପନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲପାଳ ମଧ୍ୟ ଜିଲ୍ଲାର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହି ଏଠାକୁ ସପ୍ତାହକୁ ଥରେ ଦୁଇ ଥର ଆସୁଛନ୍ତି। ଫଳରେ ରେକର୍ଡ ଖୋଜା ହୋଇ ଯାଇଥିଲେ ହେଁ ତାଙ୍କ ଦସ୍ତଖତ ପାଇଁ ଲୋକଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଜଣେ ଓଏଏସ୍ ପାହ୍ୟାର ଅଧିକାରୀ, ଜଣେ ଜୁନିୟର ଓ ଜଣେ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଏବଂ ଜଣେ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଡେପୁଟେସନରେ ଅଛନ୍ତି। ଏହାସହ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟ ଚାଲିଛି। ପର୍ଯ୍ୟାପ୍ତ କର୍ମଚାରୀ ନଥିବାରୁ ଆବେଦନ ହେଉଥିବା ରେକର୍ଡଗୁଡ଼ିକୁ ଠିକ୍ ସମୟରେ ଆବେଦନକାରୀଙ୍କୁ ଦିଆଯାଇ ପାରୁନାହିଁ। ହାତ ଗଣତି କର୍ମଚାରୀ ସକାଳୁ ରାତି ଯାଏ ପରିଶ୍ରମ କରୁଛନ୍ତି, ଏମିତିକି ଛୁଟି ଦିନରେ ମଧ୍ୟ କାମ କରୁଛନ୍ତି, ହେଲେ ଲୋକଙ୍କ ଠିକ୍ ସମୟରେ ସେବା ଯୋଗାଇବାରେ ପଛରେ ପଡୁଛନ୍ତି। ନୂଆ ନିଯୁକ୍ତି କରାଯାଉନଥିବା କାରଣରୁ କମ୍ କର୍ମଚାରୀରେ ଏଭଳି ସମସ୍ୟା ଉପୁଜୁଛି।

■ କୋମାରେ ଚାଲୁଛି ଚକବନ୍ଦୀ କାର୍ଯ୍ୟାଳୟ
■ କର୍ମଚାରୀ ମରୁଡ଼ି, ଭାଙ୍ଗିରୁଜି ଗଲାଣି କୋଠା
■ ଗୋଟିଏ ରେକର୍ଡ ପାଇବାକୁ ମାସେ ମହଲତ



ସେହିଭଳି କର୍ମଚାରୀ ଅଭାବ ସାଙ୍ଗକୁ ଏହି କାର୍ଯ୍ୟାଳୟର ଆଉ ଏକ ବଡ଼ ସମସ୍ୟା ହେଉଛି ଏହି ଘର ପୁରୁଣା କୋଠା ହୋଇଥିବାରୁ ଭାଙ୍ଗିବାକୁ ବସିଲାଣି। ଛାତ ଉପର ଠାଏ ଠାଏ ପ୍ଲାଷ୍ଟର ଛାଡ଼ି କାମ କଲାବେଳେ କର୍ମଚାରୀଙ୍କ ଦେହର ପଡୁଥିବାର ଅଭିଯୋଗ ହେଉଛି। ସେହିଭଳି ଏଠାରେ ଥିବା କାଗଜପତ୍ରରେ ମଧ୍ୟ ବର୍ଷା ପାଣି ପଡ଼ି ଅଧିକାଂଶ ସମୟରେ ନଷ୍ଟ ହୋଇଯାଉଛି। ଫଳରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ସଂରକ୍ଷିତ ରଖାଯାଇ ପାରୁନି ବୋଲି ଜଣେ କର୍ମଚାରୀ କହିଛନ୍ତି। ଏବେ ଏହି ଦୁଇ ମହଲା ବିଶିଷ୍ଟ କୋଠାକୁ ୪୦ ହଜାର ଟଙ୍କା ଭଡ଼ା ଦିଆଯାଉଛି। ସେହିଭଳି ରେକର୍ଡ ରୁମ୍ ପାଇଁ ବ୍ରହ୍ମେଶ୍ୱର ନିକଟରେ ୧୫ ହଜାର ଟଙ୍କାର ଆଉ ଏକ ଘର ଭଡ଼ାରେ ନିଆଯାଇଛି। ଅସୁରକ୍ଷିତ ହୋଇ ପଡ଼ିଥିବା ଏହି ଘରକୁ ତୁରନ୍ତ ବଦଳାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ କର୍ମଚାରୀମାନେ ବାରମ୍ବାର ଲେଖୁଛନ୍ତି। କିନ୍ତୁ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଉନାହିଁ। ଏନେଇ ଆବେଦନକାରୀ ଦ୍ୱିତକୃଷ୍ଣ ମହାନ୍ତି କହିଛନ୍ତି, ତାଙ୍କ ଜମିର ରେକର୍ଡ ଭୁଲବଶତଃ ସରକାରୀ ଖାତାକୁ ଚାଲିଯାଇଛି। ଏବେ ସେ କୋର୍ଟରେ ମକଦ୍ଦମା କରିବା ପାଇଁ ଶାବକ ପଟ୍ଟାର ଆବଶ୍ୟକତା ରହିଛି। ହେଲେ ପଟ୍ଟା ପାଇଁ ବାରମ୍ବାର ଆବେଦନ କରୁଥିଲେ ହେଁ ବିଭିନ୍ନ ଭୁଲ୍ ଦର୍ଶାଇ ତାଙ୍କୁ ମିଳିପାରୁନାହିଁ। ଉପନିର୍ଦ୍ଦେଶକଙ୍କୁ ଭେଟିବାକୁ ଚେଷ୍ଟା କଲେ ମଧ୍ୟ କେବେ ଦେଖାମିଳିପାରୁନି ବୋଲି ସେ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ଉପନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା।

# ନାବାଳିକାକୁ ଅପହରଣ ଓ ଗଣଦୁଷ୍କର୍ମ ପରେ ହତ୍ୟା !

## ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ

■ **ସୁନ୍ଦରଗଡ଼, ୧୦।୧ (ସମିସ):** ବଡ଼ଗାଁ ଥାନା ଇତମା ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ, ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଦୁର୍ବୃତ୍ତମାନେ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ନାବାଳିକାଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୁଲିସ ଅପହରଣ, ଗଣଦୁଷ୍କର୍ମ ଓ ହତ୍ୟା ମାମଲା ରୁଜୁ କରି ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ତନାଘନା ଚଳାଇଛି। ୧୭ ବର୍ଷୀୟା ସମ୍ପୃକ୍ତ ନାବାଳିକା ମଙ୍ଗଳବାର ପୂର୍ବାହ୍ନରେ ଶାଗ ତୋଳିବାକୁ ଯାଉଥିବା କହି ଘରୁ ବାହାରିଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କ ପତ୍ତା ପାଇ ନ ଥିଲେ। ତେବେ ବୁଧବାର ସକାଳେ ଗ୍ରାମ ନିକଟ କୁସୁନା ଶାଳବଣର ଏକ ଚାକୁଣ୍ଡା ଗଛ ମୂଳେ ତାଙ୍କ ଅର୍ଦ୍ଧନଗ୍ନ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ବେକରେ ଏକ ଛିଣ୍ଡା ଚୁନ୍ନି ବନ୍ଧା ହୋଇଥିବା ବେଳେ ଚୁନ୍ନିର ଅନ୍ୟ ପାର୍ଶ୍ୱ ଗଛ ଡାଳରେ ବନ୍ଧା ହୋଇଥିଲା। ନାବାଳିକାର ବଡ଼ଭାଇ ତାଙ୍କ ଭଉଣୀକୁ ଅପହରଣ ଓ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ବୋରିଗୁମ୍ମା, ୧୦।୧ (ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ବେଣାଗୁର ପଞ୍ଚାୟତ ଅଧୀନ ଦୃଷ୍ଟିଗୁଡ଼ାରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପୂର୍ଣ୍ଣ ପେଣ୍ଟିଆ (୪୫)ଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରୁ ମୃତଦେହକୁ ଜବତ କରିବା ସହ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନା ଅନୁସାରେ, ବୁଧବାର ସକାଳ ୮ଟାରେ ପୂର୍ଣ୍ଣ ପେଣ୍ଟିଆ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେତିକିବେଳେ ଗ୍ରାମର ପୂର୍ଣ୍ଣ ନାୟକ ସେଠାକୁ ପଶି ଆସି ହଠାତ ପଛପଟୁ ଏକ ଛୁରୀରେ ପୂର୍ଣ୍ଣ ପେଣ୍ଟିଆଙ୍କୁ ପିଠି, ପେଟ ଓ ଛାତିରେ ଛୁରାମାଡ଼ କରିଥିଲେ। ୨୦୨୨ରେ ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ପୂର୍ଣ୍ଣ ପେଣ୍ଟିଆ ଏବଂ ପୂର୍ଣ୍ଣ ନାୟକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ଦିନ ହେଲା ଶତ୍ରୁତା ଲାଗିରହିଥିଲା।

# ଆଜି ୨୮ ଟି ଶିଳ୍ପ ସଂସ୍ଥାରେ ହେବ ମକ୍ ଏକ୍ସରସାଇଜ୍

## ରାସାୟନିକ ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୦।୧(ସମିସ): ରାସାୟନିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଯଦି ଏଭଳି ବିପତ୍ତି ସୃଷ୍ଟି ହୁଏ ତେବେ କିପରି ଏହାର ମୁକାବିଲା କରାଯାଇପାରିବ ସେନେଇ ଓସ୍‌ଡମା ଅଣ୍ଟାଭିଡ଼ିଛି। ଏଥିପାଇଁ ଗୁରୁବାର ରାଜ୍ୟର ୧୦ ଟି ଜିଲ୍ଲାରେ ୨୮ ଟି ଶିଳ୍ପ ସଂସ୍ଥା ସହ ପାରାଦୀପ ପୋର୍ଟରେ ଏହାର ମୁକାବିଲା ସମ୍ପର୍କିତ ମକ୍ ଏକ୍ସରସାଇଜ୍ କରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ମକ୍ ଏକ୍ସରସାଇଜ କରାଯିବ। ଏଥିରେ ୧୦ଟି ଜିଲ୍ଲା ଯଥା ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା, ସୁନ୍ଦରଗଡ଼ର ୨୮ ଟି ଶିଳ୍ପସଂସ୍ଥା ସହ ପାରାଦୀପ ପୋର୍ଟ ମଧ୍ୟ ଯୋଗଦେବେ। ଏହି ଅଭ୍ୟାସ ଦ୍ୱାରା ମୁଖ୍ୟତଃ ଏଭଳି ବିପଦ ସମୟରେ କିପରି ତାଳମେଳ ରଖି ତ୍ୱରିତ ସତର୍କ ସୂଚନା, ସ୍ଥାନାନ୍ତର, ସ୍ଥାନୀୟ ଶିଳ୍ପ ଓ କ୍ଷେତ୍ରସ୍ତରୀୟ ସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟର ସଫଳ ପରିଚାଳନା କରିହେବ ସେ ଦିଗରେ ଗୁରୁତ୍ୱ ଆରୋପ କରାଯାଇଛି। ଏହାର ପ୍ରାକ୍‌ପ୍ରସ୍ତୁତି ସ୍ୱରୂପ ଏକ ଟେବୁଲ ଟପ୍ ଏକ୍ସରସାଇଜ ଭୁବନେଶ୍ୱରସ୍ଥିତ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର ଓ ୧୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଚିହ୍ନଟ ହୋଇଥିବା ଶିଳ୍ପସଂସ୍ଥା ଓ ପାରାଦୀପ ପୋର୍ଟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଭାସୀ ବୈଠକରେ ଆଲୋଚନା କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍‌ଆରସି ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଟେବୁଲ ଟପ୍ ଏକ୍ସରସାଇଜ୍‌ରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରାମର୍ଶଦାତା କର୍ଣ୍ଣେଲ କୀର୍ତ୍ତି ପ୍ରତାପ ସିଂ, କମାଣ୍ଡାଣ୍ଟ ଆଦିତ୍ୟ କୁମାର, ମେମ୍ବର ଆତା ହସନ୍, ଓସଡମାର ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ପାରା ମେଡିକାଲ ଛାତ୍ରଛାତ୍ରୀମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି।

# ୧୯ ଜିଲ୍ଲା ପାଇଁ କୁହୁଡ଼ି ସତର୍କତା

**ଭୁବନେଶ୍ୱର,୧୦।୧(ସମିସ):** ରାଜ୍ୟର ୧୯ ଟି ଜିଲ୍ଲା ପାଇଁ କୁହୁଡ଼ି ସତର୍କତା ଜାରି କରାଯାଇଛି। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା, କୋରାପୁଟ ଆଦିରେ ଘନ କୁହୁଡ଼ି ଆଶଙ୍କା ରହିଛି। କୁହୁଡ଼ି ଯୋଗୁଁ ଏହି ଜିଲ୍ଲାଗୁଡ଼ିକରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୨ ଦିନ ପରେ ବିଭିନ୍ନ ଜିଲ୍ଲାରେ ତାପମାତ୍ରା ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

**ଅନୁଗୋଳ,୧୦।୧(ସମିସ):** ପିସ୍ତଲ ଓ ଗୁଳି ସହ ଦୁର୍ଦ୍ଦାନ୍ତ ଅପରାଧୀ ତୁଫାନକୁ ଗିରଫ କରିଛି ଅନୁଗୋଳ ପୁଲିସ। ଅନୁଗୋଳ ସହର ରାଧାରମଣପଡ଼ାର ହାର୍ଡକୋର କ୍ରିମିନାଲ ହେଉଛି ତୁଫାନ ଦେହୁରୀ। ସୂଚନା ଅନୁସାରେ ଅନୁଗୋଳ ହାକିମପଡ଼ା ଅଞ୍ଚଳରେ ଜଣେ ଯୁବକ ବେଆଇନ ଭାବେ ବନ୍ଧୁକ ରଖିଥିବା ଖବର ପାଇ ଅନୁଗୋଳ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ତୁଫାନ ନିକଟରୁ ଏକ ଦେଶୀ ପିସ୍ତଲ ସହ ୫ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା। ବେଆଇନ ଭାବେ ବନ୍ଧୁକ ଓ ଗୁଳି ରଖିବା ଅପରାଧରେ ପୁଲିସ ତୁଫାନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁଫାନ ଏହି ବନ୍ଧୁକ ଦେଖାଇ ବିଭିନ୍ନ ବ୍ୟବସାୟୀ ଓ ଦୋକାନୀଙ୍କୁ ଧମକାଇ ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତୁଫାନ ପୂର୍ବରୁ ଅନେକ ହତ୍ୟା, ଲୁଟ୍ ଓ ଛିନତାଇ ମାମଲାରେ ଅଭିଯୁକ୍ତ ଅଛି ବୋଲି ମଧ୍ୟ ଜଣାପଡ଼ିଛି।



● ବିଲ୍ଡରଙ୍କୁ କୋଟିଏ ଟଙ୍କା ଠକେଇ ମାମଲା

# ସୁରଜିତଙ୍କ ଆକାଉଣ୍ଟ ଫ୍ରିଜ୍

**ଭୁବନେଶ୍ୱର, ୧୦।୧୨(ସମିସ):** ବିଲ୍ଡରଙ୍କୁ ବିଭିନ୍ନ କ୍ଲିଏରାନ୍ସ ଆଳରେ ଏକ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ୱେବ୍‌ପୋର୍ଟାଲ ମାଲିକ ସୁରଜିତ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି ଇଓଡବ୍ଲ୍ୟୁ। ଠକେଇ ଟଙ୍କା ଯାଇଥିବା ୱେବ୍‌ପୋର୍ଟାଲ, ଖବରକାଗଜ ଏବଂ ତାଙ୍କ ନିଜ ଆକାଉଣ୍ଟକୁ ଫ୍ରିଜ୍ କରିଛି ଇଓଡବ୍ଲ୍ୟୁ। ଏଥିସହ ଠକେଇ ଟଙ୍କାରେ କିଣାଯାଇଥିବା କାର୍, ଫ୍ଲାଟ୍, ଜମିକୁ ଜବତ କରିବ ଇଓଡବ୍ଲ୍ୟୁ। ଏନେଇ ମଧ୍ୟ ଇଓଡବ୍ଲ୍ୟୁ ତାର ପକ୍ରିୟା ଆରମ୍ଭ କରି ଦେଇଛି। ଆହୁରି ମଧ୍ୟ ଆଜି ସୁରଜିତ୍‌ଙ୍କ ୩ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ଇଓଡବ୍ଲ୍ୟୁ ତାଙ୍କୁ କୋର୍ଟରେ ହାଜର କରି ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ରିମାଣ୍ଡ ସମୟରେ ଇଓଡବ୍ଲ୍ୟୁ ଆଗରେ ସୁରଜିତ୍ ଅନେକ ସତ ଉଗାଳିଛି।

# ଉତ୍ତମ ଯୋଗାଯୋଗ ବୃଦ୍ଧି କରେ କାର୍ଯ୍ୟଦକ୍ଷତା

**ଭୁବନେଶ୍ୱର, ୧୦।୧(ସମିସ):** କର୍ମଚାରୀଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ମାଧ୍ୟମରେ ସ୍ୱଷ୍ଟତା, ସ୍ୱଚ୍ଛତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଭୁବନେଶ୍ୱର ସ୍ଥିତ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ପକ୍ଷରୁ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ସଚେତନତା ଓ ପ୍ରଶିକ୍ଷଣ ଦ୍ୱାରା ପରସ୍ପର ମଧ୍ୟରେ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଥମ ଥର ଏପରି କର୍ମଶାଳାର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଯୋଗ ଓ ସହଯୋଗ ଭୁଲ ବୁଝାମଣାକୁ ରୋକିଥାଏ ବୋଲି କହିଛନ୍ତି। ଏହାସହ କର୍ମକ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟ ପରିବେଶ ସୃଷ୍ଟି କରୁଥିବା ଆଲୋକପାତ କରିଛନ୍ତି। ସେହିପରି ଉତ୍ତମ ଯୋଗାଯୋଗ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ ବୋଲି ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ କହିଛନ୍ତି। କର୍ମଶାଳାର ପ୍ରଥମ ଦିନରେ ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ, ସ୍ନାତକୋତ୍ତର ଓ ଗବେଷଣା ବିଭାଗ ଡିନ୍ ପ୍ରଫେସର ଚନ୍ଦ୍ରଶେଖର ନାରାୟଣ ଭେଣ୍ଡେ, ସହଯୋଗୀ ପ୍ରଫେସର ଅକ୍ଷୟ କୁମାର ରଥ ପ୍ରମୁଖ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଯୋଗାଯୋଗ ଅଧିକାରୀ ଡକ୍ଟର ପୁଣ୍ୟଶ୍ରୀ ପଣ୍ଡା କର୍ମଶାଳାକୁ ସଂରଚନା କରିଥିଲେ।



# ସଠିକ୍ ଭାବେ କାର୍ଯ୍ୟ କରୁନି ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍

**ଭୁବନେଶ୍ୱର, ୧୦।୧(ସମିସ):** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ୱେବସାଇଟ୍ ସଠିକ ଭାବେ କାର୍ଯ୍ୟ କରୁନାହିଁ। ଫଳରେ ଆବେଦନ କରିବାକୁ ଥିବା ଆଶାୟୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ ସମେତ ବିଭିନ୍ନ ପଦ ପାଇଁ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍‌ରେ ଆବେଦନ ପ୍ରକ୍ରିୟା ଜାରି ରହିଛି। ବୈଷୟିକ କାରଣ ଦର୍ଶାଇ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୱେବସାଇଟ୍‌କୁ ବନ୍ଦ କରାଯାଇଛି। ଏହି ସମସ୍ୟା ସଂପର୍କରେ ଅଭିଯୋଗ ବିଭାଗର ସେକ୍ରେଟାରୀ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଏପରି ସମସ୍ୟା ଆଉ ୧୫ଦିନ ଲାଗି ରହିବ ବୋଲି କହିଛନ୍ତି। ଏହାସହ ୱେବସାଇଟ୍ ଠିକ ହେବା ପରେ ଆଶାୟୀ ଆବେଦନ କରିବେ ବୋଲି ସେ କହିଛନ୍ତି। ତେବେ ଏକ ମାସର ଆବେଦନ ଅବଧି ଏକମାସ ଥିବାବେଳେ ସ୍ୱାଭାବିକ ହେଲେ ଏକ ସପ୍ତାହରେ କିପରି ସମସ୍ତେ ଆବେଦନ କରିପାରିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମସ୍ୟା ନେଇ ବହୁ ଆଶାୟୀ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଅପରପକ୍ଷରେ ସନ୍ଧ୍ୟା ୬ ରୁ ସକାଳ ୧୧ ଟା ପର୍ଯ୍ୟନ୍ତ ଆବେଦନ କରିବାକୁ ଆଶାୟୀମାନଙ୍କୁ ଆୟୋଗ ପକ୍ଷରୁ ଉପଦେଶ ଦିଆଯାଇଛି। ହେଲେ ରାତି ସମୟରେ ମଧ୍ୟ ୱେବସାଇଟ ସଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଥିବା ଆଶାୟୀମାନେ ଆବେଦନ କରିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂଧ୍ୟା ପରେ ଆବେଦନ କରିବାକୁ ଆୟୋଗର ପରାମର୍ଶ ନେଇ ବହୁ ଆଶାୟୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବିଭିନ୍ନ ଅଞ୍ଚଳରେ ସକାଳ ପାଖାପାଖି ୧୦ଟାରେ ସିଏସ୍‌ସି ସେଣ୍ଟର ଖୋଲୁଥିବାରୁ ୧୧ଟା ମଧ୍ୟରେ ଆବେଦନ କରିବା ସମ୍ଭବପର ହେଉନାହିଁ। ୱେବସାଇଟ୍ ସଠିକ ଭାବେ ଖୋଲୁନଥବାରୁ ଆଶାୟୀମାନେ ଆବେଦନ କରିବାପାଇଁ ବହୁ ସମୟ ଅପଚୟ କରୁଥିବା ଅଭିଯୋଗ କରିଛନ୍ତି।

## ଆଠଗଡ଼ରେ ସରିଲା ପକ୍ଷୀ ଗଣନା

# ଚଳିତ ବର୍ଷ ବଢ଼ିଛନ୍ତି ଛଅ ହଜାରରୁ ଅଧିକ

**ଆଠଗଡ଼,୧୦।୧(ସମିସ):** ଗତ ବର୍ଷ ତୁଳନାରେ ଚଳିତବର୍ଷ ଆଠଗଡ଼ ବନଖଣ୍ଡରେ ପକ୍ଷୀଙ୍କ ସଂଖ୍ୟା ବଢ଼ିଛି। ଗତ ଦୁଇ ଦିନ ଧରି ଆଠଗଡ଼ ବନଖଣ୍ଡର ପାଞ୍ଚଟି ବନାଞ୍ଚଳରେ ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା ଶେଷ ହେବା ପରେ ବନବିଭାଗ ପକ୍ଷରୁ ଏହାର ସୂଚନା ଦିଆଯାଇଛି। ଆଠଗଡ଼ ବନଖଣ୍ଡର ନରସିଂହପୁର ପୂର୍ବ ବନାଞ୍ଚଳରେ ୫୪୧୧, ନରସିଂହପୁର ପଶ୍ଚିମ ବନାଞ୍ଚଳରେ ୨୩୩୨, ବଡ଼ମ୍ବା ବନାଞ୍ଚଳରେ ୧୭୦୫, ଆଠଗଡ଼ ବନାଞ୍ଚଳରେ ୧୬୩୪, ଏବଂ ଖୁଣ୍ଟୁଣୀ ବନାଞ୍ଚଳରେ ୪୮୬୪ ଟି ଦେଶୀ ଏବଂ ବିଦେଶାଗତ ପକ୍ଷୀଙ୍କର ଗଣନା କରାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳର ମହାନଦୀ, ଛତିଶାପାଟ, ବରଦା ପାଟ ସହିତ ଅନ୍ୟାନ୍ୟ ଜଳାଶୟ, ଆଠଗଡ଼ର ଅଂଶୁପା, ଅମଙ୍ଗେଇ କୁଦ, ମୁଣ୍ଡଲୀ, ମହାନଦୀର ଶୁଣ୍ଡିପାଳ, ତିଗିରିଆର ଜରିପାଳ ବନ୍ଧ, ଯମୁନା ବନ୍ଧ, ରମ୍ଭେଇ ପାଟ ସହିତ ବଡ଼ମ୍ବା ଏବଂ ନରସିଂହପୁର ପୂର୍ବ ପଶ୍ଚିମ ବନାଞ୍ଚଳର ମହାନଦୀ ସହିତ ବିଭିନ୍ନ ଜଳାଶୟରେ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ଆଠଗଡ଼ ବନଖଣ୍ଡରେ ୧୬,୫୦୦ ପକ୍ଷୀ ଗଣନା କରାଯାଇଥିବା ବେଳେ ଗତ ବର୍ଷ ଏହି ପକ୍ଷୀଙ୍କ ସଂଖ୍ୟା ୧୦,୨୫୯ ଗଣନା କରାଯାଇଥିଲା। ଚଳିତ ବର୍ଷ ପକ୍ଷୀମାନଙ୍କ ମଧ୍ୟରେ ପାଖାପାଖି ପାଞ୍ଚ ପ୍ରତିଶତ ବିଦେଶାଗତ ପକ୍ଷୀ ରହିଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ଆଠଗଡ଼ ବନଖଣ୍ଡର ଦୁଇ ଶହ କର୍ମଚାରୀ ନିୟୋଜିତ ହୋଇଥିଲେ। ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ସହକାରୀ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବିନ୍ଦ୍ର ନାୟକ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୀତାରାମ ଶବର, ବନ୍ୟପ୍ରାଣୀ ବିଶେଷଜ୍ଞ ଅଜୟ ଗାୟକୱାଡ, ନରେନ୍ଦ୍ର ମୋହନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



## ମହାନଦୀ ଓ ଛତିଶାରେ ପକ୍ଷୀ ଗଣନା

**ଚୌଦ୍ୱାର,୧୦।୧(ସମିସ):** କଟକ ବନଖଣ୍ଡ ଅଧୀନରେ ଥିବା ଡାଳିଯୋଡ଼ା ବନାଞ୍ଚଳ ଅନ୍ତର୍ଗତ ମହାନଦୀ ଓ ଛତିଶା ପାଟରେ ବନ ବିଭାଗ ତରଫରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗାୟତ୍ରୀ ଦେବୀଙ୍କ ସମେତ ୮ଜଣ ବନ କର୍ମଚାରୀ ବୋଟ ଯୋଗେ ମହାନଦୀ ଭିତରେ ପକ୍ଷୀ ଗଣନା କରିଥିଲେ। ମହାନଦୀରେ ୧୬ ହଜାର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ଆକଳନ କରିଥିଲେ। ପରେ ଏହି ଟିମ୍ ଚୌଦ୍ୱାର ନିକଟ ଛତିଶା ପାଟରେ ପକ୍ଷୀଗଣନା କରି ସେଠାରେ ଏକ ହଜାର ବିଦେଶାଗତ ପକ୍ଷୀ ଆସିଥିବା ଆକଳନ କରିଥିଲେ। ଚଳିତ ବର୍ଷ ପ୍ରଥମ କରି ରେଡ଼ ପୋଚାଡର୍ ପ୍ରଜାତିର ପକ୍ଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଶୀତରତୁ ଆଗମନରେ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀ ମହାନଦୀ ଓ ଛତିଶା ପାଟକୁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ଚୌଦ୍ୱାର ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।



# ଦ୍ୱୈତନଗରୀ ପାଇଁ 'ୟୁସିସିସି'

# ଅପରାଧୀ ପଶିଲେ ବାଜିବ ସାଇରନ୍

**ଭୁବନେଶ୍ୱର, ୧୦।୧(ସମିସ):**

କମିସନରେଟ୍ ପୁଲିସର ହାତମୁଠାକୁ ଟାଣ କରିବା ସହ ତଦନ୍ତରେ ବଳ ଯୋଗାଇବ ୟୁନିଫାଏଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର (ୟୁସିସିସି)। କଟକ-ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଗୁଗଲ୍ ମ୍ୟାପିଂ ଜରିଆରେ କାମ କରିବ କମିସନରେଟ୍ ପୁଲିସ। ବାରମ୍ବାର ଅପରାଧ ଘଟୁଥିବା ସ୍ଥାନଗୁଡ଼ିକୁ ମ୍ୟାପିଂ କରାଯିବ। ସେସବୁ ସ୍ଥାନଗୁଡ଼ିକରେ କୌଣସି ଅପରାଧୀଙ୍କ ଗତିବିଧି କିମ୍ବା କାର୍ଯ୍ୟକଳାପ ହେଲେ ପ୍ରଥମେ ୟୁସିସିସି ବା ଏକୀକୃତ କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ଖବର ଆସିବ। ଫଳରେ ଅପରାଧୀଙ୍କୁ ଧରିବା ପୁଲିସ ଲାଗି ସହଜ ହେବ। ଏହି ବ୍ୟବସ୍ଥା ଦ୍ୱୈତନଗରରୀ ଅପରାଧ ନିୟନ୍ତ୍ରଣରେ ଅଧିକ ସହାୟକ ହେବ। ଆଇନ୍‌ଶୃଙ୍ଖଳା, ଟ୍ରାଫିକ ପରିଚାଳନା ଓ ଅପରାଧ ଦମନ କ୍ଷେତ୍ରରେ ପୁଲିସକୁ ସହାୟକ ହେବ ବୋଲି ପୁଲିସ କମିସନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଯେଉଁ ସବୁ ଅଞ୍ଚଳରେ ବାରମ୍ବାର ଅପରାଧିକ କାର୍ଯ୍ୟକଳାପ ସୃଷ୍ଟି ହେଉଥିବ ସେହି ସ୍ଥାନକୁ ଚିହ୍ନଟ କରାଯାଇଛି। ସେଇ ସ୍ଥାନଗୁଡ଼ିକୁ କମିସରେଟ୍ ପୁଲିସ ମ୍ୟାପିଂ କରିବ। ସେଠାରେ ନୂଆ ନୂଆ ଡିଭାଇସ୍ ଜରିଆରେ ସିସିଟିଭି କ୍ୟାମେରା ଲଗାଯିବ। ଯଦି କୌଣସି ସମୟରେ ଅପରାଧିକ ଗତିବିଧି ଦେଖିବାକୁ ମିଳେ, ତେବେ ଏହି ଡିଭାଇସ୍ ଏକୀକୃତ କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ଅବଗତ କରିବ। ଫଳରେ ସେ ସ୍ଥାନରେ ତୁରନ୍ତ ପୁଲିସ ପହଞ୍ଚି ଅପରାଧୀଙ୍କୁ ଧରିବା ସହ ଆଇନ୍‌ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣ କରିବ। ଏମିତିକି ସହରକୁ ଅପରାଧୀ ପଶିଲେ, ସାଇରନ୍ ବାଜିବ।

ୟୁସିସିସିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୃଦ୍ଧିମତା)ରେ ଚିହ୍ନଟ ପ୍ରଣାଳୀ, ଭିଡିଓ ସାରାଂଶ, ଭିଡ଼ ଆକଳନ ଏବଂ ପରିଚାଳନା ଏବଂ ପରିତ୍ୟକ୍ତ ବସ୍ତୁର ଚିହ୍ନଟ ଭଳି ସିସିଟିଭି ରହିବ। ଏହି ଟେକ୍ନୋଲୋଜି ବ୍ୟବହାର କରି ସନ୍ଦିଗ୍ଧ ଅପରାଧିକ ଦିଗ ଖୋଜିବା ପାଇଁ ସେମାନେ ଶୀଘ୍ର ଭିଡିଓ ତଥ୍ୟ ମାଧ୍ୟମରେ ସ୍କାନ କରାଯାଇପାରିବ। ସିଷ୍ଟମ ସମସ୍ତ ରେକର୍ଡ ହୋଇଥିବା ଭିଡିଓ ଫାଇଲ୍‌ଗୁଡ଼ିକୁ ବିଶ୍ଳେଷଣ କରିପାରିବ। ଏଥିସହ ଅନୁସନ୍ଧାନ ଲାଗି ପୁଲିସକୁ ସଂକ୍ଷିପ୍ତ ଭିଡିଓ ପ୍ରଦାନ କରିବା ଲାଗି ବ୍ୟବସ୍ଥା ରହିଛି।

ବିଧାନସଭା, ନବୀନ ନିବାସ ଓ ରାଜଭବନ ଭଳି ସମ୍ବେଦନଶୀଳ ଅଞ୍ଚଳରେ କ୍ୟାମେରା ଦୃଶ୍ୟ ମଧ୍ୟରେ

- ଗୁଗଲ୍ ମ୍ୟାପିଂ ଜରିଆରେ କାମକରିବ କମିସନରେଟ୍ ପୁଲିସ
- ରାଜ୍ୟ ବାହାର ଅପରାଧୀଙ୍କୁ ଭୁବନେଶ୍ୱର ମନା
- ଦିଲ୍ଲୀ ଓ ହାଇଦରାବାଦ ଢାଞ୍ଚାରେ ଅପରାଧ ନିୟନ୍ତ୍ରଣ

ପ୍ରବଳ ଭିଡ଼କୁ ପୁଲିସ ଆକଳନ କରିପାରିବ। ଭିଡିଓ ଇଣ୍ଟେଲିଜେନ୍ସରେ ଭିଡ଼ ଆକଳନ ସମାଧାନ ରହିଛି। ଯଦି କ୍ୟାମେରା ଦୃଶ୍ୟରେ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଭିଡ଼ ରହିଥାଏ, ପୁଲିସ ଆଗୁଆ ସତର୍କ ସୂଚନା ଦେଇପାରିବ। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଅପରାଧ ନିୟନ୍ତ୍ରଣ କରିବ, ସେନେଇ କମିସନରେଟ୍ ପୁଲିସ ମୁଖ୍ୟାଳୟରେ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଟିମ୍ କମିସନରେଟ୍ ପୁଲିସର ଦକ୍ଷ ଅଧିକାରୀଙ୍କୁ ତାଲିମ୍ ଦେଇଛି।

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୫୯୩ ଓ କଟକରେ ୩୯୨ଟି କ୍ୟାମେରା ଲଗାଯାଇଛି। ଏମିତିଭାବେ ଦ୍ୱୈତନଗରୀରେ ୮୦୦ରୁ ଅଧିକ ସିସିଟିଭି କାର୍ଯ୍ୟକ୍ଷମ ହେଉଛି। ଏସବୁ କ୍ୟାମେରାକୁ ଗୋଟିଏ ସ୍ଥାନରେ କଣ୍ଟ୍ରୋଲ କରାଯାଇଛି। ଏହାସହ କମିସନରେଟ୍ ପୁଲିସର ପ୍ରକଳ୍ପ 'ସହଭାଗିତା' ଜରିଆରେ ସାଧାରଣ ଲୋକେ ପୁଲିସ କଣ୍ଟ୍ରୋଲ୍ ରୁମ ସହ ୩୦୦ କ୍ୟାମେରା ଯୋଡ଼ି ହେବାକୁ କୁହାଯାଇଛି।



ରାଜଧାନୀରେ ରାଜ୍ୟ ବାହାର ଅପରାଧୀଙ୍କ ରାଜୁତି ଦେଖିବାକୁ ମିଳିଛି। ସେ ଏଟିଏମ୍ ଲୁଟ୍ ହେଉ କିମ୍ବା ଅନ୍ୟ ଅପରାଧିକ କାର୍ଯ୍ୟକଳାପରେ ରାଜ୍ୟ ବାହାର ଅପରାଧୀଙ୍କ ସମ୍ପୃକ୍ତି ବଢ଼ିଛି। ଏହାକୁ ରୋକିବା ଲାଗି ଆରମ୍ଭ ହୋଇଛି ଖସିଡ଼ା। ସହରର ପ୍ରବେଶ ଓ ପ୍ରସ୍ଥାନ ଛକରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବସ୍ଥା କରାଯାଉଛି। ଅପରାଧୀ ବ୍ୟବହାର କରୁଥିବା ଗାଡ଼ି ସହରକୁ ପଶିଲେ ଏହି ସ୍ୱତନ୍ତ୍ର କକ୍ଷକୁ ସ୍ୱୟଂଚାଳିତ ଭାବେ ଆଲର୍ଟ ଆସିବ। ଏହାକୁ ବ୍ୟବହାର କରି ପୁଲିସ ରେକର୍ଡରେ ମୋଷ୍ଟୱାଣ୍ଟେଡ୍ ଅପରାଧୀ ଓ ଅପରାଧରେ ବ୍ୟବହୃତ ଯାନର ସବିଶେଷ ତଥ୍ୟ ଶୀଘ୍ର ମିଳିପାରିବ। ଏଥିସହ ଜେଲ ଫେରନ୍ତା ଓ ଦାଗୀ ଅପରାଧୀଙ୍କ ଉପରେ ଅଧିକ ଫୋକସ ରହିବ। ଏହାଦ୍ୱାରା କେତେବେଳେ କିଏ କେଉଁ ଅଞ୍ଚଳରେ ଅଛନ୍ତି ତାହା ଜାଣିବା ପାଇଁ ପୁଲିସକୁ ସହଜ ହେବ। ଏଥିସହ ଛିନ୍‌ତାଇ କରୁଥିବା ଲୁଟେରାଙ୍କୁ ତୁରନ୍ତ ଚିହ୍ନଟ କରାଯିବ। ରାତିରେ ଲୁଟେରାଙ୍କୁ ଚିହ୍ନଟ ଲାଗି ଯନ୍ତ୍ରାଂଶ ବ୍ୟବହାର କରାଯାଉଛି। ସେଭଳି ଦୁର୍ଘଟଣା କରି ଖସିପଳାଉଥିବା ଗାଡ଼ିକୁ ଚିହ୍ନଟ କରିବାରେ ଏହି ୟୁସିସିସି ବ୍ୟବସ୍ଥା ବେଶ୍ ସହାୟକ ହେବ ବୋଲି କୁହାଯାଇଛି।

ଭୁବନେଶ୍ୱର ଓ କଟକରେ ଅପରାଧିକ କାର୍ଯ୍ୟକଳାପ କମିସନରେଟ୍ ପୁଲିସର ଚିନ୍ତା ବଢ଼ାଇଛି। ଅପରାଧୀଙ୍କୁ ଧରିବାକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏହି ୟୁନିଫାଏଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ୍ ଦିଲ୍ଲୀ ଓ ହାଇଦରାବାଦ ପରେ ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଉଛି। ଏହି ବ୍ୟବସ୍ଥା ଓଡ଼ିଶାର ବ୍ରହ୍ମପୁର, କେନ୍ଦୁଝର ଓ ଅନୁଗୁଳ ସହରରେ ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଲାଗୁ ହେବା ପରେ ଅପରାଧୀଙ୍କୁ ଧରିବା ଓ ଖଣି ଅଞ୍ଚଳରେ ଅପରାଧୀଙ୍କ ଗତିବିଧି ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବାରୁ ପୁଲିସକୁ ଅନେକ ସଫଳତା ମିଳୁଛି। ଏବେ କମିସନରେଟ୍ ପୁଲିସରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱୈତନଗରୀରେ କାର୍ଯ୍ୟକ୍ଷମ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି।

## ଥାନା ଉପରେ ହୋଲ୍ଡିଂ ଟିକସ କଷିବ ବିଏମ୍‌ସି

### ଥାନା ଚଟାଣ ଅଞ୍ଚଳ ମାପଚୁପ୍ କଲେ ଅମିନ

**ଭୁବନେଶ୍ୱର, ୧୦।୧(ସମିସ):** ପୌରପରିଷଦର ନିୟମ ଅନୁସାରେ, ଯେଉଁମାନେ ମହାନଗର ନିଗମ ଅଞ୍ଚଳରେ ଘର କରିଛନ୍ତି ସେମାନେ ହୋଲଡିଂ ଟିକସ ଦେବା ବାଧ୍ୟ। ଏହି କ୍ରମରେ ଥାନା ଉପରେ ହୋଲ୍ଡିଂ ଟିକସ କଷିବ ବିଏମ୍‌ସି। ଏଥି ପାଇଁ ଗତ ଦୁଇମାସ ତଳେ ଏସମ୍ପର୍କରେ ଆଲୋଚନା ହେବା ସହ ହୋଲ୍ଡିଂ ଟିକସ ଦେଉ ନ ଥିବା ସଂସ୍ଥା ବା ଘରଗୁଡ଼ିକୁ ଟିକସ ପରିସରଭୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ବୁଧବାର ରାଜଧାନୀର ବିଭିନ୍ନ ଥାନାକୁ ବିଏମ୍‌ସିର ଅମିନମାନେ ଯାଇ ଥାନାର ଚଟାଣ ଏରିଆ ଓ କେତେ ଜମି ଉପରେ ଥାନାଟି ଅବସ୍ଥିତ ଅଛି ତାହାର ମାପଚୁପ କରିଛନ୍ତି। ଏହି ମାପଚୁପ ପରେ ଥାନାଗୁଡ଼ିକ ପାଇଁ ହୋଲ୍ଡିଂ ଟିକସ ନିର୍ଦ୍ଧାରିତ ହେବ ବୋଲି ଜଣାପଡ଼ିଛି। ପ୍ରଥମ ଥର ପାଇଁ ବିଏମ୍‌ସି ପକ୍ଷରୁ ଏକ ଚାରିଜଣିଆ ଟିମ୍ ଦ୍ୱାରା ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନା ଗୁଡ଼ିକ ମାପଚୁପ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର ଏବଂ ଇନ୍‌ଫୋସିଟି ଥାନାର ମାପଚୁପ ଆରମ୍ଭ ହୋଇଛି। ପରେ ସହରରେ ଥିବା ଅନ୍ୟ ଥାନାଗୁଡ଼ିକୁ ମାପଚୁପ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଥାଉ କି ଦୀର୍ଘଦିନ ହେବ ରାଜଧାନୀରେ ଥିବା ଏକାଧିକ ଥାନା ହୋଲ୍ଡିଂ ଟ୍ୟାକ୍ସ ଦେଉ ନ ଥିଲେ। ଫଳରେ ବିଏମ୍‌ସି ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି।

## ସ୍ତ୍ରୀକୁ ହତ୍ୟା ଉଦ୍ୟମ; ସ୍ୱାମୀକୁ ୧୦ବର୍ଷ ଜେଲ୍

**ଭୁବନେଶ୍ୱର, ୧୦।୧ (ସମିସ):** ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ମାମଲାର ବିଚାରକରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ଅଦାଲତ ସ୍ୱାମୀ ତଥା ଆସାମୀ ବୁଲୁ ଓରଫ ବୁଢୁ ଦାସକୁ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତ ତାକୁ ୧୦ ବର୍ଷ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁସାରେ, ୨୦୨୦ ମସିହା ଅଗଷ୍ଟ ମାସ ୧୮ ତାରିଖ ଦିନ ବାଣୀବିହାର ପଥରବନ୍ଧ ବସ୍ତିରେ ରହୁଥିବା ବୁଲୁ ଭିଏସ୍‌ଏସ୍ ନଗର ପାଣି ଟାଙ୍କି ନିକଟରେ ସ୍ତ୍ରୀ ଚମ୍ପାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଛୁରିରେ ଆକ୍ରମଣ କରିଥିଲା। ଛୁରୀଟି ପେଟକୁ ଭୁସି ଦେବାରୁ ଚମ୍ପାଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଥିଲା। ଏଥିରେ ଚମ୍ପା ଗୁରୁତର ହୋଇଥିଲେ। ଚମ୍ପାଙ୍କ ଭାଇ ଲକ୍ଷ୍ମଣ ସୋରେନ୍ ଏନେଇ ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ ନଂ- ୩୪୨/୨୦୨୦ ଦଫା- ୩୪୧/୩୨୩/୩୨୪/୩୨୬/୩୦୭ ଆଇପିସି ଲଗାଇ ଏକ ମାମଲା ରୁଜୁ କରିଥିଲା। ସହିଦନଗର ଥାନା ଅଧିନସ୍ଥ ଭିଏସଏସ ନଗର ଫାଣ୍ଡିରେ କାର୍ଯ୍ୟରତ ତତ୍କାଳୀନ ସବ ଇନ୍ସପେକ୍ଟର ତଥା ବର୍ତ୍ତମାନର ଧଉଳି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ଏହି ମାମଲାର ତଦନ୍ତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୀଘ୍ର କାବୁ କରିବାରେ ସକ୍ଷମ ହୋଇଥିଲେ। ଏହି ମାମଲାରେ ଅଦାଲତ ସାକ୍ଷୀ ମାନଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ବୁଲୁଙ୍କୁ ଦୋଷୀ ସାବ୍ୟସ୍ତ କରି ସର୍ବାଧିକ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ରତ୍ନାକର ନାୟକ ଏହି ମାମଲାକୁ ପରିଚାଳନା କରିଥିଲେ।

## ଅଟୋ ଡ୍ରାଇଭରଙ୍କ ଠାରୁ ଲୁଟ୍; ୨ ଗିରଫ



**ଭୁବନେଶ୍ୱର, ୧୦।୧ (ସମିସ):** ଅଟୋ ଡ୍ରାଇଭରଙ୍କଠାରୁ ଲୁଟ୍ କରିଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ସ୍ଥାନୀୟ କଳିଙ୍ଗ ବସ୍ତିର ସାଗର ଭୋଇ (୨୪) ଓ ବଡ଼ଗଡ଼ ଉପର ସାହିର ଦିଲ୍ଲୀପ ରାୟ (୪୫)। ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ କାନନ ବିହାର ଅଞ୍ଚଳର ଶ୍ରୀକାନ୍ତ ସାମନ୍ତ ଅଟୋରେ ଯାତ୍ରୀଙ୍କୁ ଶିବନଗର ଚିଲ୍ଲି ପୋଖରୀ ରାସ୍ତାଦେଇ ନେଇ ଯାଉଥିଲେ। ସେହି ସମୟରେ ସାଗର ଓ ଦିଲ୍ଲୀପ ଦୁହେଁ ଗୋଟିଏ ବାଇକରେ ଆସି ଅଟୋଟିକୁ ଅଟକାଇ ଶ୍ରୀକାନ୍ତଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ମୋବାଇଲ୍ ଫୋନ ଓ ୧୫୦୦ ଟଙ୍କା ଲୁଟ୍ କରି ଚାଲି ଯାଇଥିଲେ। ଶ୍ରୀକାନ୍ତ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଭାସ୍କରେଶ୍ୱର ମନ୍ଦିର ପାର୍କ ନିକଟରୁ ସାଗର ଓ ଦିଲ୍ଲୀପକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଲୁଟ ମୋବାଇଲ ଫୋନ ଓ ୧୫୦୦ ଟଙ୍କା ଜବତ କରିଥିଲା।

## ଠିକା କାମରେ ଠକେଇ; ଡିଜାଇନର୍ ଗିରଫ

**ଭୁବନେଶ୍ୱର, ୧୦।୧ (ସମିସ):** ଠିକାରେ କାମ ନେଇ ଠକିଥିବା ଅଭିଯୋଗରେ ଡିଜାଇନରକୁ ଗିରଫ କରି କୋର୍ଟ ଚାଲାଣ କରିଛି ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଲାଲବାଗ ଥାନା ତୁଳସୀପୁର ଅଞ୍ଚଳର ଅବଦୁଲ ହାସିମ (୫୮)। ପୁଲିସ ସୂଚନା ଅନୁସାରେ, ନାଗେଶ୍ୱର ଟାଙ୍ଗୀ ଅଞ୍ଚଳର ପ୍ରଦୀପ କୁମାର ପ୍ରଧାନ ଠିକାରେ କାମ କରୁଥିବା ବେଳେ ଅବଦୁଲ ଲେବର ଲଗାଇ ଡିଜାଇନ କାମ କରେ। ନିକଟ ଅତୀତରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିବାରୁ ପ୍ରଦୀପ ଯୋଗାଯୋଗ କରି ଅବଦୁଲକୁ ଓଡ଼ଗାଁ କଲେଜ ମୁଖ୍ୟ ଫାଟକ ତିଆରି ପାଇଁ କହିଥିଲେ। ଅବଦୁଲ ୧୨୦୦ ବର୍ଗଫୁଟର ଗେଟ୍ କାମ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ସ୍ଥିର କରି ୨ଲକ୍ଷ ୧୦ ହଜାର ଟଙ୍କା ନେଇଥିଲା। ପ୍ରଦୀପ ବିନା କୌଣସି ଯାଞ୍ଚରେ ଟଙ୍କା ଦେଉଥିବାରୁ ଅବଦୁଲ ସେହି କାମକୁ ୧୮୦୦ ବର୍ଗଫୁଟ କହିବା ସହିତ ଆହୁରି ୨ ଲକ୍ଷ ୫୦ ହଜାର ଟଙ୍କା ଦାବି କରିଥିଲା। ପ୍ରଦୀପ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କ ସହାୟତାରେ କାର୍ଯ୍ୟ କ୍ଷେତ୍ର ମାପିବା ପରେ ବେଳେ ତାହା ୧୪୦୦ ବର୍ଗଫୁଟର ବୋଲି ଜାଣିବାକୁ ପାଇଥିଲେ। ଏଥିସହିତ ଅବଦୁଲ ସମୁଦାୟ ୪୦ରୁ ୪୫ ହଜାର ଟଙ୍କର କାମ କରିଥିବା ଜାଣିବାକୁ ପାଇଥିଲେ। ପ୍ରଦୀପ ଏନେଇ ଅବଦୁଲକୁ ପଚାରିବାରୁ ସେ ଅବଶିଷ୍ଟ ଟଙ୍କା ନ ଦେଲେ କାମ କରିବ ନାହିଁ ବୋଲି କହିଥିଲା। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଆଗକୁ ଲିଜ୍ କାମ କରିବାକୁ ପ୍ରଦୀପଙ୍କୁ ମନାକରି ଦେଇଥିଲେ। ଅବଦୁଲ ସେ ବ୍ୟବହାର କରିଥିବା ସାମଗ୍ରୀର ତାଲିକା କରି ଅବଶିଷ୍ଟ ଅଗ୍ରୀମ ଟଙ୍କା ଫେରାଇବାକୁ ବାରମ୍ବାର କହିବା ସତ୍ତ୍ୱେ ଅବଦୁଲ ଶୁଣି ନ ଥିଲା। ଓଲଟି ପ୍ରଦୀପଙ୍କୁ ଧମକ ଦେଇଥିଲା। ପ୍ରଦୀପ ଏନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଅବଦୁଲକୁ ଗିରଫ କରିଥିଲା।





## ଚୋରି ମୋବାଇଲ୍ ରଖି ଦୁଇ ଗିରଫ

**ଭୁବନେଶ୍ୱର, ୧୦।୧ (ସମିସ):** ଚୋରା ମୋବାଇଲ ରଖିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି କେଦାରପଲ୍ଲୀ ବସ୍ତିର କାହ୍ନୁ ଘଡ଼େଇ (୨୨) ଓ ଲିପୁ ନାୟକ (୩୦)। ପୁଲିସ ସୂଚନା ଅନୁଯାୟୀ, ଗତବର୍ଷ ଜୁନ୍ ମାସ ୨୩ ତାରିଖ ରାତି ପ୍ରାୟ ୯ଟା ୩୦ ସମୟରେ ୟୁନିଟ୍-୧ ମାର୍କେଟରେ ଥିବା ଏସ୍‌ବିଆଇ ମୁଖ୍ୟଶାଖା ପଛ ପଟରୁ ନିର୍ଭୟ କୁମାର ସାମନ୍ତରାୟ ମୋବାଇଲ୍ ଫୋନ ଚୋରି ହୋଇଥିଲା। ସେ ଏନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଫରେଷ୍ଟ ପାର୍କ ପଛପଟେ ଚଢ଼ଉ କରି କାହ୍ନୁ ଓ ଲିପୁକୁ ଗିରଫ କରିବା ସହିତ ସେମାନଙ୍କ ହେପାଜତରୁ ୨ଟି ଚୋରି ମୋବାଇଲ ଜବତ କରିଥିଲା ପୁଲିସ। ଦୁଇଟି ଯାକ ମୋବାଇଲ୍ ଚୋରା ବୋଲି ଜାଣିବା ପରେ ମଧ୍ୟ ସେମାନେ ଲୁଟେରାମାନଙ୍କ ଠାରୁ କିଣିଥିବା ସ୍ୱୀକାର କରିଥିଲେ। କାହ୍ନୁ ଓ ଲିପୁ ପୂର୍ବରୁ ଲିଙ୍ଗରାଜ, କ୍ୟାପିଟାଲ, ଖାରବେଳ ନଗର, ଏୟାରପୋର୍ଟ ଓ ଥାନାରେ ୮ଟି ଚୋରି, ଲୁଟ ଓ ଅସ୍ତ୍ରଶସ୍ତ୍ର ପରି ଅପରାଧିକ ମାମଲାରେ କୋର୍ଟ ଚାଲାଣ କରାଯାଇଥିଲା। ଦୁଇ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆରପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।



## ଦୋକାନ ତାଲା ଭାଙ୍ଗି ନେଇଗଲେ ୫୦ ହଜାର ଟଙ୍କାର ସାମଗ୍ରୀ

**ବାଲିଅନ୍ତା,୧୦।୧(ସମିସ):** ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ବକ୍ରେଶ୍ୱର ମନ୍ଦିର ନିକଟରେ ଥିବା ସନ୍ତୋଷ ବିଶୋୟୀଙ୍କ ତେଜରାତି ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପାଖାପାଖି ୫୦ ହଜାର ଟଙ୍କାର ସାମଗ୍ରୀ ଏବଂ ୧୭ ଶହ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ସନ୍ତୋଷ ଏସମ୍ପର୍କରେ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ ହେଁ ଲୁଟେରାଙ୍କ ଟେର ପାଇ ପାରି ନାହିଁ। ସୂଚନା ଅନୁସାରେ ଭିଙ୍ଗାରପୁର ମଝି ସାହିର ସନ୍ତୋଷ ସବୁଦିନ ଭଳି ରାତି ୧୧ଟା ସମୟରେ ଦୋକାନ ବନ୍ଦକରି ଘରକୁ ପଳାଇଥିଲେ। ହେଲେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ୩ଟିଯାକ ତାଲା ଭାଙ୍ଗି ଡାଲି, ଚିନି, ଚାଉଳ, ତେଲ ଟିଣ ଆଦି ରାସନ ସାମଗ୍ରୀ ସହ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି।

## 'ଟେଲିଗ୍ରାମ୍' ଠକେଇ; ୨୨ ହଜାର ଗୋଲ୍

**ଭୁବନେଶ୍ୱର/ହଂସପାଳ, ୧୦।୧ (ସମିସ):** ଟେଲିଗ୍ରାମ୍‌ରୁ ଜିନିଷ କିଣିବାକୁ ଯାଇ ଜଣେ ଯୁବତୀ ସାଇବର୍ ଠକେଇର ଶିକାର ହୋଇଛନ୍ତି। ସାଇବର୍ ଠକ ତାଙ୍କ ଠାରୁ ଟଙ୍କା ନେବାପରେ କୌଣସି ସାମଗ୍ରୀ ଦେଇନାହାନ୍ତି। ଠକାମୀର ଶିକାର ହୋଇଥିବା ଦେବରୂପା ଦାସ ପାହାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦେବରୂପା ଏକ ପ୍ରଡକ୍ଟ କିଣିବା ଲାଗି ସାମାଜିକ ଗଣମାଧ୍ୟମରେ ସର୍ଚ୍ଚ କରୁଥିବା ବେଳେ ଏକ ଟେଲିଗ୍ରାମ୍ ଗ୍ରୁପର ଲିଙ୍କ ପାଇଥିଲେ। ଟେଲିଗ୍ରାମରେ ଗ୍ରୁପରେ ଯୋଡ଼ି ହୋଇ ସେହି ପ୍ରଡକ୍ଟ କିଣିବା ଲାଗି ଅର୍ଡର କରିଥିଲେ। ସେହି ପ୍ରଡକ୍ଟ ଲାଗି ୨୨ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେହି ପ୍ରଡକ୍ଟ ତାଙ୍କ ପାଖରେ ପହଞ୍ଚି ନ ଥିଲା। ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଭୁବନେଶ୍ୱର ସାଇବର୍ ହେଲ୍ପଡେସ୍କର ସହାୟତା ନେଇଥିଲେ। ଏଥିସହିତ ପରବର୍ତ୍ତୀ ସମୟରେ ଏନେଇ ସେ ପାହାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

## ସାମଗ୍ରୀ ବିକ୍ରି ଆଳରେ ଠକିନେଲେ ୫୦ ହଜାର

**ଭୁବନେଶ୍ୱର, ୧୦।୧(ସମିସ):** ରାଜଧାନୀରେ ଜଣେ ଶ୍ରମିକକୁ ଅଭିନବ ଉପାୟରେ ଠକିଛି ଦୁର୍ବୃତ୍ତ। କାମ ଦେବାକୁ ଘରକୁ ଡାକି ଶସ୍ତାରେ ଘର ସାମଗ୍ରୀ ବିକ୍ରି କରିବା ଆଳରେ ୫୦ ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ଠକାମିର ଶିକାର ଶ୍ରମିକ ଲୋକନାଥ ବେଉରା ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ନୂଆପଲ୍ଲୀ ଦୁର୍ଗା ମଣ୍ଡପ ନିକଟରେ ଲୋକନାଥ ଛିଡ଼ା ହୋଇଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ଘର କାମ କରିବା ପାଇଁ ଡାକି ନେଲେ। ବାଟରେ ନେବା ସମୟରେ ତାଙ୍କର ଘର ସାମଗ୍ରୀ ବିକ୍ରି ହେବ ବୋଲି କହିଥିଲେ। ତାଙ୍କର ପୋଷ୍ଟିଂ ଅନ୍ୟ ସ୍ଥାନରେ ହୋଇଥିବାରୁ ସେ ଏଭଳି ଶସ୍ତାରେ ବିକ୍ରିକରି ଦେଉଥିବା କହିଥିଲେ। ସାମଗ୍ରୀ କିଣିବା ପାଇଁ ଲୋକନାଥ ତାଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ଟଙ୍କା ନେବା ପରେ ସେ ୮ ନମ୍ବରରେ ରହୁଥିବା ଜଣେ ଘର ଆଗକୁ ନେଇଥିଲେ। ଲୋକନାଥଙ୍କୁ ଘର ବାହାରେ ଛିଡ଼ା କରି ସମସ୍ତ ସାମଗ୍ରୀ ବାହାରକୁ ଆଣିବାକୁ କହି ଘର ଭିତରକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ସେ ବାହାରି ନ ଥିଲେ। ଶେଷରେ ଲୋକନାଥ ଉକ୍ତ ଘର ଗେଟ୍ ଖୋଲି ଭିତରକୁ ଯିବା ପରେ ସେଭଳି ଲୋକ କେହି ନଥିବା ଘର ମାଲିକ କହିଥିଲେ।

# ଉପକଣ୍ଠରେ ଅନ୍ଧାର କରୁଛି ରାଜୁତି

**ଭୁବନେଶ୍ୱର, ୧୦।୧ (ସମିସ):**

ଅନ୍ଧାରକୁ ହଟାଇବା ପାଇଁ ରାଜଧାନୀ ରାଜରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲଗା ଲଗାଯାଇଛି। ସହରକୁ ସଜେଇବା ପାଇଁ ରଙ୍ଗାରଙ୍ଗ ଆଲୁଅ ସାଙ୍ଗକୁ ନାଳି ନେଳି ଆଲୋକର ବ୍ୟବସ୍ଥା କରାଯାଇଛି। ହେଲେ ରାଜଧାନୀ ଠାରୁ କେଇ କିଲୋମିଟର ଦୂରରେ ତଥା ସହର ଚାରିପାଖରେ ଥିବା ରାସ୍ତାଗୁଡ଼ିକରେ ଅନ୍ଧାର ରାଜୁତି କରୁଛି। ଅନ୍ଧାର ଯୋଗୁଁ ସଞ୍ଜ ନଇଁଲେ ଲୋକମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ ଆତଙ୍କ ରଚୁଛନ୍ତି। ଆଲୋକ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ସୂଚନା ଅନୁସାରେ, ରାଜଧାନୀ ସହର ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜଧାନୀ ଠାରୁ କମ୍ ମୂଲ୍ୟରେ ଜମି ଓ ସହରର କୋଳାହଳରୁ ନିସ୍ତାର ପାଇବା ପାଇଁ ଲୋକମାନେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି। ଏଥିସହିତ କିଛି ବର୍ଷ ମଧ୍ୟରେ ସହର ଚାରିପଟେ ଛତୁ ଫୁଟିଲା ଭଳି ଇଞ୍ଜିନିୟରିଂ କଲେଜ ଓ ଆପାର୍ଟମେଣ୍ଟ ଗଢ଼ି ଉଠିଛି। ସେହି ଧାରାରେ ସହର ଚାରିପାଖରେ ଜନସଂଖ୍ୟା ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଆର୍ ଆଣ୍ଡ ବି ଡିଭିଜନ ୫ ଅଧୀନରେ ଥିବା ପିତାପଲ୍ଲୀ ଛକ ଠାରୁ ଚନ୍ଦକା ଯାଇଥିବା ରାସ୍ତା ଏବେ ବିପଦଜନକ ହୋଇ ପଡ଼ିଛି। ଯିବାଆସିବା ପାଇଁ ଭଲ ରାସ୍ତାଟିଏ ଥିଲେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯାଇନାହିଁ। ପ୍ରତିଦିନ ଖୋର୍ଦ୍ଧା, ଜଟଣୀ, ନୟାଗଡ଼ ଜିଲ୍ଲାର ହଜାର ହଜାର ଲୋକ ଏହି ରାସ୍ତା ଦେଇ କଟକ ସମେତ ଅନୁଗୋଳ ଓ ଢେଙ୍କାନାଳ ଯାଉଛନ୍ତି। ହେଲେ ରାସ୍ତାରେ ଲାଇଟ୍ ଲାଗି ନ ଥିବାରୁ ସନ୍ଧ୍ୟା ହେଲେ ଭୟଭୀତ ହୋଇ ଯିବାଆସିବା କରୁଛନ୍ତି। ପ୍ରତିଦିନ ଏହି ରାସ୍ତାରେ ଥିବା ଛତାବର, ମେଣ୍ଢାଶାଳ, ଗିରିଙ୍ଗାପୁଟ, କଣ୍ଟାବାଡ, କୁଜିମହଲ ଆଦି ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ସେହି ଡିଭିଜନ ଅଧୀନରେ ଥିବା ଗୋହିରା - ଛତାବର ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଛତାବର, ମେଣ୍ଢାଶାଳ, ଅରିଶଳ, ମଦନପୁର, ବଡ଼ରଘୁନାଥପୁର, ଦେଉଳିଆପାଟଣା ଓ ଆଖପାଖ ଅଞ୍ଚଳର ୧୫ ହଜାରରୁ ଅଧିକ ଲୋକ ଏହି ରାସ୍ତା ଦେଇ ଭୁବନେଶ୍ୱରକୁ ଯା'ଆସ କରୁଛନ୍ତି। ଲାଇଟ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ସନ୍ଧ୍ୟା ହେଲେ ଗୋହିରା-ଛତାବର ରାସ୍ତାରେ ଅନ୍ଧାର ହେଲେ ସ୍ଥିତି ଆହୁରି ସଙ୍ଗୀନ ହୋଇଯାଉଛି। ଅଣଚଉଡ଼ା ରାସ୍ତା ସାଙ୍ଗକୁ ଅନ୍ଧାର ଯୋଗୁଁ ରାତି ହେଲେ ନିଶାଖୋରଙ୍କ ଉତ୍ପାତ ଆରମ୍ଭ ହୋଇ ଯାଉଛି। ସେହି ଡିଭିଜନ ଅଧୀନରେ ଥିବା ନୂଆଗାଁ - କାଟେଣୀ ରାସ୍ତାର ଅବସ୍ଥା ମଧ୍ୟ ସମାନ। ସ୍ଥାନୀୟ ଅଞ୍ଚଳରେ ଆଇଆଇଆଇଟି, ଟାଇମ୍ସ ଗୁରୁକୁଳ, ଆଇଏମଆଇ ଭଳି ଅନେକ ଶିକ୍ଷାନୁଷ୍ଠାନ ସହିତ ଅନେକ ଘରୋଇ ଡାକ୍ତରଖାନା ମଧ୍ୟ ରହିଛି। ଏସବୁ ସୁବିଧା ଥିବାରୁ ମଳିପଡ଼ା, ଗୋଠପଟଣା, ପାଇକରାପୁର, କ୍ରିଷ୍ଣାପୁରୀ କଲୋନୀ, ଘଙ୍ଗାପାଟଣା , କାଟେଣୀ ଆଦି ଅଞ୍ଚଳରେ ଜନସଂଖ୍ୟା ପୂର୍ବ ଅପେକ୍ଷା ଢେର ବୃଦ୍ଧି ପାଇଛି। ସଞ୍ଜ ହେଲେ ଏହି ରାସ୍ତାରେ ନାହିଁ ନ ଥିବା ଭିଡ଼ ଜମୁଛି। ଏଥିସହିତ ରାସ୍ତା ଦେଇ ହାତୀପଲ ଚନ୍ଦକା ଜଙ୍ଗଲରୁ ଭରତପୁର ଜଙ୍ଗଲକୁ ଯାଉଛନ୍ତି। ଗୋଟିଏ ପଟେ ଅନ୍ଧାରିଆ ରାସ୍ତା ଅନ୍ୟପଟେ ଅସମ୍ଭାଳ ଭିଡ଼ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ହେଲେ ରାସ୍ତାରେ ଆଲୋକ ବ୍ୟବସ୍ଥା ହୋଇପାରି ନାହିଁ। ସେହିଭଳି ଆର ଆଣ୍ଡ ବି ଡିଭିଜନ ୩ ଅଧୀନରେ ଆସୁଥିବା ସୁନ୍ଦରପୁର ଡିଏନ ସ୍କୁଲ ଠାରୁ ଶିଖରଚଣ୍ଡୀ ଯାଇଥିବା ରାସ୍ତା ମଧ୍ୟ ଅନ୍ଧାର। ଚନ୍ଦକା, ପଥରଗାଡିଆ, ସୁନ୍ଦରପୁର ସମେତ କଣ୍ଟାବାଡ଼, ଛତାବର ଆଦି ଗାଁର ଲୋକମାନେ ଏହି ରାସ୍ତା ଦେଇ ଭୁବନେଶ୍ୱରରୁ ଘରକୁ ଫେରିଥାନ୍ତି। ଯିବାଆସିବା ପାଇଁ ଚଉଡା ପିଚୁ ରାସ୍ତା ଥିଲେ ମଧ୍ୟ ଆଲୋକ ବ୍ୟବସ୍ଥା ନାହିଁ। ଏହି ରାସ୍ତାଟି ହାତୀ କରିଡର ହୋଇଥିବାରୁ ହାତୀପଲ ଯିବାଆସିବା କରୁଛନ୍ତି। ଅନ୍ଧାରିଆ ରାସ୍ତା ସାଙ୍ଗକୁ ହାତୀ ଭୟରେ ଲୋକମାନେ ଯିବା ଆସିବା କରିବାକୁ ଡରୁଛନ୍ତି। ସେହିପରି ଆର ଆଣ୍ଡ ବି ଡିଭିଜନ ୨ ଅଧୀନରେ ଥିବା ୧୬ ନଂ ଜାତୀୟ ରାଜପଥ - ରେତଙ୍ଗ ଷ୍ଟେସନ ରାସ୍ତାରେ ମଧ୍ୟ ଗୋଟିଏ ବି ଲାଇଟ୍ ଲାଗି ନାହିଁ। ତମାଣ୍ଡୋ, ମଦନପୁର, ଯାଁଳା ଆଦି ଅଞ୍ଚଳର ଲୋକମାନେ ଏହି ରାସ୍ତାରେ ଜଟଣୀ ଦେଇ ପିପିଲି ଓ ପୁରୀକୁ ଯିବା ଆସିବା କରୁଛନ୍ତି।





### ଅପରାଧୀଙ୍କୁ ସୁହାଉଛି ରାଜଧାନୀ ଆଖପାଖ



# ଭୁବନେଶ୍ୱର ସିଟି

## ମାଷ୍ଟରକ୍ୟାଣ୍ଟିନ୍ 'ମୋ ବସ୍‌ଷ୍ଟାଣ୍ଡ'

# ଡ୍ରେନ୍ ମୁକୁଳା, ରାସ୍ତା ମଝିରେ ଖାଲ

**ଭୁବନେଶ୍ୱର, ୧୦।୧(ସମିସ):**





### ପଚାଗନ୍ଧରେ ଫାଟୁ ପଡୁଛି ସମଗ୍ର ଅଞ୍ଚଳ

ରାଜଧାନୀର ଅନ୍ୟତମ ବ୍ୟସ୍ତବହୁଳ ବସ୍‌ଷ୍ଟାଣ୍ଡ ହେଉଛି ମାଷ୍ଟର୍‌କ୍ୟାଣ୍ଟିନ୍‌ସ୍ଥିତ 'ମୋ ବସ୍‌ଷ୍ଟାଣ୍ଡ'। ଗତ ୭ମାସ ତଳେ ଏହାର ନବୀକରଣ କରାଯାଇ ବସ୍‌ଷ୍ଟାଣ୍ଡ ପରିସରକୁ ଚକାଚକ୍ କରାଯାଇଥିଲା ଓ ରାସ୍ତାଘାଟର ମରାମତି ସହ ପେଭର୍ ବ୍ଲକ ଆଦି ବିଛା ଯାଇଥିଲା। କିନ୍ତୁ ସେସବୁ ଏବେ ସେସବୁ ଉଠିଗଲାଣି। ମରାମତି ହୋଇଥିବା ରାସ୍ତା ଗାତ ହୋଇଗଲାଣି। ଗଭୀର ଖାଲରେ ପ୍ରତିଦିନ ଯାତାୟାତ କରୁଥିବା 'ମୋ ବସ୍' ସମୟପୂର୍ବରୁ କାମ କରିବାକୁ ପଡୁଛି। ଅଧିକାଂଶ ସମୟରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିଲେ ଗାଡ଼ି ପତା ଭାଙ୍ଗିଯିବା ଭଳି ସ୍ଥିତି ଉପୁଜୁଛି। ଏହାର ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଗଲାଣି। ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଏହି ବସ୍‌ଷ୍ଟାଣ୍ଡକୁ ପଡ଼ିଥିବା ଉଭୟ ରାସ୍ତାରେ ମାଳମାଳ ଖାଲ। କିଛି ସ୍ଥାନରେ ବଡ଼ବଡ଼ ଖାଲ ଭାରି ଗଭୀର ହୋଇଗଲାଣି। ଚାରିପଟ ଡ୍ରେନ୍ ମୁକୁଳା ପଡ଼ିଛି। ଡ୍ରେନ୍ ମଧ୍ୟରେ ଗଦା ହୋଇଛି କୁଡ଼କୁଡ଼ ଆବର୍ଜନା।

ସ୍ଥାନୀୟ କିଛି ବ୍ୟବସାୟିକ ପ୍ରତିଷ୍ଠାନ ନିଜର ମଇଳା ପାଣିରେ ଡ୍ରେନ୍‌ରେ ଦୀର୍ଘଦିନ ପର୍ଯ୍ୟନ୍ତ ଜାମ୍ ରହୁଛି। ଡ୍ରେନ୍‌ରେ ପଚାପାଣି ଓ ଆବର୍ଜନା ଜମି ରହିବାରୁ ପଚାଗନ୍ଧ ସାଙ୍ଗକୁ ମଶାଙ୍କ ଉପଦ୍ରବ ଯାତ୍ରୀଙ୍କୁ କଲବଲ କରୁଥିବା ଅଭିଯୋଗ ହେଉଛି। ପେଭର ବ୍ଲକଗୁଡ଼ିକ ଠାଏ ଠାଏ ଭାଙ୍ଗିରୁଜି ଗଲାଣି। ଅଧିକାଂଶ ସ୍ଥାନରେ ମଧ ଦବିଗଲାଣି। ବସ୍ ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟ ଭିତରକୁ ଯାଇ ହେଉନି। ନିୟମିତ ସଫା ହେଉନଥିବାରୁ ପରିସ୍ରା ଗନ୍ଧରେ ନାକ ଫାଟି ପଡୁଛି। ଫଳରେ ପୁରୁଷ ହୁଅନ୍ତୁ ଅବା ମହିଳା ଯାତ୍ରୀ ବାହାରେ ପରିସ୍ରା କରିବାକୁ ବାଧ ହେଉଛନ୍ତି। ଆବର୍ଜନା ସାଙ୍ଗକୁ ପରିସ୍ରା ଗନ୍ଧ ଯୋଗୁଁ ସମଗ୍ର ଅଞ୍ଚଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବିଶେଷକରି ଆହାର କେନ୍ଦ୍ର ନିକଟରେ ଲୋକମାନେ ପରିସ୍ରା କରିଥିବାରୁ ଲୋକମାନେ ଦୁର୍ଗନ୍ଧରେ ଖାଇ ପାରୁନାହାନ୍ତି। ରାସ୍ତା ଓ ଡ୍ରେନ୍ ମରାମତି ନେଇ ଭିନ୍ନଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏମିତି ଦୟନୀୟ ଅବସ୍ଥାରେ ଏ ବସ୍‌ଷ୍ଟପ୍ ପଡ଼ି ରହିଛି।

ପ୍ରକାଶ ଥାଉ କି ପ୍ରତିଦିନ ଶତାଧିକ ସଂଖ୍ୟାରେ ରେଳ ଯାତ୍ରୀ ଓ ସାଧାରଣ ଲୋକ ଏହି ବସ୍‌ଷ୍ଟାଣ୍ଡ ଜରିଆରେ କଟକ, ପୁରୀ, ଜଟଣୀ, ଖୋର୍ଦ୍ଧା ଆଦିକୁ ଯାତାୟାତ କରୁଛନ୍ତି। ଦୈନିକ ଅନ୍ୟୁନ ୨୦ହଜାରରୁ ଅଧିକ ଲୋକ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭରଶୀଳ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପରିମଳଠାରୁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି।

## ଉତ୍କଳମଣି ଥିଲେ ପ୍ରଚଣ୍ଡ ଦେଶଭକ୍ତ

**ଭୁବନେଶ୍ୱର, ୧୦।୧(ସମିସ):** ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ପ୍ରଚଣ୍ଡ ଦେଶଭକ୍ତ। ତାଙ୍କ ଶବ୍ଦ ସବୁ ଥିଲା ମଣିଷ ପ୍ରତି ଥିବା ଦରଦ ଭାବର ସୂଚନା ବୋଲି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରିତ ବକ୍ତୃତାମାଳାରେ ମତ ପ୍ରକାଶ ପାଇଛି। ଉତ୍କଳମଣି ଗୋପବନ୍ଧୁଙ୍କ ଚିନ୍ତା ଭାବଧାରାକୁ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ମଙ୍ଗଳବାର କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପକ୍ଷରୁ ଆୟୋଜିତ ବକ୍ତୃତାମାଳାରେ କୁଳପତି ପ୍ରଫେସର ଦୀପକ ବେହେରା ସଭାପତିତ୍ୱ କରିଥିଲେ। ଲେଖକ ପ୍ରଫେସର ଆଦିକନ୍ଦ ସାହୁ କହିଥିଲେ ଯେ ଗୋପବନ୍ଧୁ ଦାସ ଥିଲେ ଓଡ଼ିଆ ଜାତିର ଚିରୋପ୍ରଜ୍ୱଳିତ ମହାଦୀପ। ପ୍ରଫେସର ବିଜୟ କୁମାର ଶତପଥୀ ବକ୍ତବ୍ୟ ଦେଇ ଗୋପବନ୍ଧୁ ଦାସ ଜଣେ ଅନନ୍ୟ କବି ଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁ ଦାସ ଚେୟାର ପ୍ରଫେସର ବିଜୟାନନ୍ଦ ସିଂହ ସୂଚନା ଦେଇ କାର୍ଯ୍ୟକ୍ରମର ରୂପରେଖ ବର୍ଣ୍ଣନା କରିଥିଲେ। କୁଳସଚିବ ପ୍ରଶାନ୍ତ ରାଉତରାୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଏମିରେଟସ୍ ପ୍ରଫେସର ଶିବପ୍ରସାଦ ଅଧିକାରୀ, ପ୍ରଫେସର ନମିତ ମହାନ୍ତି, ଡି.ଜି. କାହ୍ନୁ ଚରଣ ମହାଲିକ୍, ପ୍ରଫେସର ଯୁଗଳ କିଶୋର ମିଶ୍ର, ହରିଶ୍ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଡିନ୍ ରଶ୍ମିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉପାଧ୍ୟକ୍ଷା ଡ. ତ୍ରିପୁରା ମିଶ୍ରଙ୍କ ନିର୍ଦ୍ଦେଶନାରେ କିସ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୋପବନ୍ଧୁଙ୍କ ସମ୍ପର୍କିତ କବିତା ଗାନ କରିଥିଲେ।

## ସାଇ ମନ୍ଦିର ସଭାପତିଙ୍କ ପରଲୋକ

**ଭୁବନେଶ୍ୱର, ୧୦।୧(ସମିସ):** ଟଙ୍କପାଣୀ ରୋଡ୍‌ସ୍ଥିତ ସିରିଡି ସାଇ ମନ୍ଦିରର ସଭାପତି ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କର ପରଲୋକ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଏମ୍ସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ରାତିରେ ସେ ଇହଧାମ ତ୍ୟାଗ କରିଛନ୍ତି। ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କ ବଡ଼ପୁଅ ତଥା ଭାରତ ସରକାରଙ୍କ ପୂର୍ବତନ ଅର୍ଥ ସଚିବ ଓ ବୀମା ପ୍ରାଧିକରଣ ଅଧ୍ୟକ୍ଷ ଦେବାଶିଷ୍ ପଣ୍ଡା, ସାନ ପୁଅ ନୂଆଦିଲ୍ଲୀ ଡିଡିଏର ଉପାଧ୍ୟକ୍ଷ ଶୁଭାଶିଷ ପଣ୍ଡା, ପତ୍ନୀ ସୁଷମା ପଣ୍ଡା, ପୁତ୍ର ବଧୂ, ଜ୍ୱାଇଁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ଝିଅ ଅର୍ଥନୀତି ପ୍ରଫେସର ସ୍ମିତା ପଣ୍ଡା ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ, ଓଡ଼ିଶା ପୋଲିସର ପୂର୍ବତନ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଟିଏମ୍‌ଭିଆର୍ ଜରିଆରେ ହାର୍ଟ ଭାଲଭ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୦।୧(ସମିସ):** ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍‌ସକୁ ମିଳିଛି ଆଉ ଏକ ସଫଳତା। କିମ୍‌ସରେ ଟ୍ରାନ୍ସକ୍ୟାଥେଟର୍ ମିଟ୍ରାଲ୍ ଭାଲଭ୍ ରିପ୍ଲେସମେଣ୍ଟ (ଟିଏମ୍‌ଭିଆର୍) ପ୍ରକ୍ରିୟାରେ ଜନୈକ ୬୯ ବର୍ଷ ବୟସ୍କ ରୋଗୀଙ୍କଠାରେ ସଫଳ ହୃତ୍‌ପିଣ୍ଡ ଭାଲଭ୍‌ର ଅସ୍ତ୍ରୋପଚାର କରାଯାଇପାରିଛି। ରୋଗୀଙ୍କ ହୃତ୍‌ପିଣ୍ଡ ଭାଲଭ୍ କ୍ଷତିଗ୍ରସ୍ତ ହେବା ପରେ ସେ ରାଜ୍ୟ ବାହାରେ ବିଭିନ୍ନ ଚିକିତ୍ସାଳୟରେ

### ଓଡ଼ିଶାରେ ପ୍ରଥମ



ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। କିନ୍ତୁ ତାଙ୍କ ରୋଗର ଉପଶମ ହୋଇ ନଥିଲା। ୧୭ ବର୍ଷ ପୂର୍ବେ ନୂଆଦିଲ୍ଲୀର ଏକ ହସ୍‌ପିଟାଲରେ ତାଙ୍କ ଦୁଇଟି କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡ ଭାଲଭ୍‌ରେ ଟିସୁ ପ୍ରୋସଥେଟିକ୍ସ ଅସ୍ତ୍ରୋପଚାର କରାଇଥିଲେ। ମାତ୍ର ଏଥିରେ ତାଙ୍କ ରୋଗ ସମ୍ପୂର୍ଣ୍ଣ ଉପଶମ ନ ହେବାରୁ ନିକଟରେ ସେ କିମ୍‌ସ ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡ. ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ। ଡା. ଜେନାଙ୍କ ପରାମର୍ଶ କ୍ରମେ ସେ କିମ୍‌ସରେ ଅସ୍ତ୍ରୋପଚାର କରାଇଥିଲେ। ଏବେ ରୋଗୀ ସୁସ୍ଥ ଅଛନ୍ତି। ଏଭଳି ଅତ୍ୟାଧୁନିକ ହୃଦ୍‌ଯନ୍ତ୍ର ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବା ଡ. ଜେନା କହିଛନ୍ତି।

## ବରମୁଣ୍ଡା ହାଇସ୍କୁଲ୍‌ରେ ବାର୍ଷିକୋତ୍ସବ

**ଭୁବନେଶ୍ୱର,୧୦।୧(ସମିସ):** ସିଆର୍‌ପିସ୍ଥିତ ବରମୁଣ୍ଡା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ମତ୍ସ୍ୟ ନିଗମର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ କର୍ପୋରେଟର ପିଙ୍କି ସ୍ୱାଇଁ, ପ୍ରାକ୍ତନ ଛାତ୍ର ଅଶୋକ କୁମାର ରାଉତ, ମୋ' ସ୍କୁଲ କମିଟି ସଭାପତି ଉମେଶ ଚନ୍ଦ୍ର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କିଶୋର କୁମାର ସୁବୁଦ୍ଧି, ପ୍ରାକ୍ତନ ସଭାପତି ଭରତ ସାମଲ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଅରୁଣିମା' ଉନ୍ମୋଚିତ ହୋଇଛି। ନିଶା ନିବାରଣ ଓ ବାଳିକା ଶିକ୍ଷା ଉପରେ ଶିକ୍ଷକ ରଶ୍ମୀରଞ୍ଜନ ପଲେଇଙ୍କ ରଚିତ ଓ ନବମ ଶ୍ରେଣୀ ଛାତ୍ର କେଶବ ରାଉତଙ୍କ ନିର୍ଦ୍ଦେଶିତ ନାଟକ 'ପରିବର୍ତ୍ତନ' ଛାତ୍ରଛାତ୍ରୀ ମଞ୍ଚସ୍ଥ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ମନୀଷା ପାତ୍ର ପରିଚାଳନା କରିଥିବାବେଳେ ଶିକ୍ଷକ ବିଜୟ କୁମାର ପାତ୍ର ପରିଚୟ ପ୍ରଦାନ କରିଥିଲେ।

## ବୁଲା କୁକୁରକୁ କେମୋ ଥେରାପି

**ଭୁବନେଶ୍ୱର, ୧୦।୧(ସମିସ):** ଭୁବନେଶ୍ୱର, ୧୦।୧(ସମିସ): କର୍କଟ ରୋଗରେ ପୀଡ଼ିତ ହୋଇ କୁକୁର (କୋକୋ)ଟି ରାସ୍ତା କଡ଼ରେ ଛଟପଟ ହେଉଥିବାର ଦେଖି ତାକୁ ଉଦ୍ଧାର କରି ଏକ ଘରୋଇ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଇବା ସହ କେମୋ ଥେରାପି ଦେଇଛନ୍ତି ବାଣୀବିହାରର କେତେକ ଛାତ୍ରଛାତ୍ରୀ। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ସ୍ଥିତ ଗୋପବନ୍ଧୁ ହଷ୍ଟେଲ ଆଗରେ ଏକ ବୁଲା କୁକୁରକୁ ବିଶ୍ୱବିଦ୍ୟାଳୟ ଛାତ୍ରମାନେ ଖାଦ୍ୟ ଦେଉଥିଲେ। ଧୀରେ ଧୀରେ ପିଲାମାନଙ୍କ ସହ କୋକୋର ବନ୍ଧୁତା ବଢ଼ିଯାଇଥିଲା। କିଛି ଦିନ ହେବ ତା' ବେକରେ ଏକ ଘାଁ ହୋଇଥିବା



ଦେଖିବାକୁ ମିଳିଥିଲା। ଧୀରେ ଧୀରେ କୋକୋ ଆଉ ପୂର୍ବଭଳି ବୁଲାବୁଲି ନକରି ଗୋଟିଏ ସ୍ଥାନରେ ପଡ଼ି ରହୁଥିଲା। ଏହା ଦେଖି ଗୋପବନ୍ଧୁ ହଷ୍ଟେଲ ଅନ୍ତେବାସୀଙ୍କ ସହଯୋଗରେ ସାମାଜିକ ଅନୁଷ୍ଠାନ ଦ୍ୱାମଶ୍ରିତା ଫାଉଣ୍ଡେସନ୍‌ର ସଦସ୍ୟ ଏକାଠି ହୋଇ ସମ୍ ପ୍ରାଣୀଚିକିତ୍ସା କେନ୍ଦ୍ର ନେବା ପରେ କୋକୋର ସର୍ଜରୀ କରାଯାଇଥିଲା। ଏଥିସହ କୋକୋ କର୍କଟ ରୋଗରେ ପୀଡ଼ିତ ବୋଲି ଡାକ୍ତର କହିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ୩ ସପ୍ତାହ ଧରି କେମୋ ଦିଆଯିବା ପରେ କୋକୋର ସ୍ୱାସ୍ଥ୍ୟବସ୍ଥା ଭଲ ହୋଇଯିବ ବୋଲି ଡାକ୍ତର କହିବା ପରେ ଫାଉଣ୍ଡେସନର ସଦସ୍ୟ କୋକୋର ଦାୟିତ୍ୱ ନେବାକୁ ଆଗେଇ ଆସିଥିଲେ। ତେବେ ଏକ ବୁଲା କୁକୁର ହେଲେ ବି ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ଫାଉଣ୍ଡେସନ୍‌ର ଦସଦ୍ୟମାନେ କହିଛନ୍ତି।

## ଧୂମ୍ ମଚେଇଲେ ମଣ୍ଟୁ ଛୁରିଆ

**ଭୁବନେଶ୍ୱର, ୧୦।୧(ସମିସ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ ଓଡ଼ିଶା ରୁରାଲ ଡେଭେଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି ଆନୁକୂଲ୍ୟରେ ଗ୍ରାମୀଣ କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ନିମନ୍ତେ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଶିଶିର ସରସ-୨୦୨୪ ମେଳା ପଞ୍ଚମ ଦିନରେ ପହଞ୍ଚିଛି। ପ୍ରତିଦିନ ଏହି ଜାତୀୟସ୍ତରର ମେଳାରେ ଗ୍ରାହକଙ୍କ ଭିଡ଼ ଜମୁଛି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କୁ ଆକୃଷ୍ଟ କରୁଛି ମେଳା। ମେଳା ପରିସରରେ ରହିଥିବା ବିଭିନ୍ନ ଷ୍ଟଲରୁ ନିଜ ମନ ପସନ୍ଦର ସାମଗ୍ରୀ କିଣିବାକୁ ଭିଡ଼ ଲାଗୁଛି। ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ମେଳା ପରିସରରେ ରହିଥିବା ସାଂସ୍କୃତିକ ମଞ୍ଚରେ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି ନୃତ୍ୟ ସଙ୍ଗୀତ। ପଞ୍ଚମ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ମଣ୍ଟୁ ଛୁରିଆଙ୍କ ସଙ୍ଗୀତରେ ଲୋକେ ବେଶ୍ ଝୁମିଥିଲେ। ଓଡ଼ିଶାର ଲୋକପ୍ରିୟ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସଙ୍ଗୀତ ଦେଖିବାକୁ ପ୍ରବଳ ଜନସମାଗମ ହେଉଥିବା ଦେଖିବାକୁ ମିଳିଛି।



### ଶିଶିର ସରସ

## ଶୁଖୁଆ ଷ୍ଟଲ୍‌ରେ ଭିଡ଼



ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେଉଥିବା ଶିଶିର ସରସ ମେଳାରେ ଶୁଖୁଆ ଷ୍ଟଲ୍ ଦେଖିବାକୁ ମିଳିଛି। ଗ୍ରାହକମାନେ କିଣି ନେଉଛନ୍ତି ନିଜ ମନ ପସନ୍ଦର ଶୁଖୁଆ। ଚୁଡ଼ାଗୁଣ୍ଡି, କେରାଣ୍ଡି, ମନୋହରି ସାମଗ୍ରୀ, ଚିଙ୍ଗୁଡ଼ି, ଶିଳା, ମୁଳେଇ, ଲୁଣି ଶିଳା, ଡୁଆଡ଼ି, ଚମ୍ପା, ଇଲିଶି, ଖଇଁଙ୍ଗା, ରୁପା ପାତିଆ, ଭାଡେଇ ଆଦି ଭଳି କି ଭଳି ଶୁଖୁଆ କିଣିବାକୁ ଲମ୍ବା ଧାଡ଼ି ଲାଗୁଛି। ଏଥିସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ଭଦ୍ରକର ଭାନୁମତି ତରାଇଙ୍କ ଶୁଖୁଆ ଷ୍ଟଲ । ଏଠାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କିସମର ଛୋଟ ବଡ଼ ଶୁଖୁଆ ରହିଛି। ତେବେ କେଉଁ ପରିବା ସହ କେଉଁ ଶୁଖୁଆ ମିଶାଇ ରୋଷେଇ କରାଯିବ ଏବଂ ଭିନ୍ନ ଭିନ୍ନ ଶୁଖୁଆର ରୋଷେଇ ପ୍ରଣାଳୀ ମଧ ଭାନୁମତିଙ୍କ ଠାରୁ ଶିଖୁଛନ୍ତି ଗ୍ରାହକ। ତେବେ ଭାନୁମତି ନିଜ ଅଞ୍ଚଳରେ ଶୁଖୁଆ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଶିଶିର ସରସ ମେଳାରେ ରାଜଧାନୀ ସମେତ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କୁ ଶୁଖୁଆର ସ୍ୱାଦ ଚଖାଇବା ସହ ଭଲ ବ୍ୟବସାୟ କରିବା ଲକ୍ଷ୍ୟରେ ଏହି ଷ୍ଟଲ ଖୋଲିଥିବା ଭାନୁମତି କହିଛନ୍ତି। ସାଧାରଣତଃ ଶୁଖୁଆ ଗାଁରେ ଲୋକମାନେ ପଖାଳ ସାଙ୍ଗକୁ ଅଧିକ ଖାଉଥିବା ଦେଖିବାକୁ ମିଳିଥାଏ। କିନ୍ତୁ ରାଜଧାନୀରେ ଏବେ ଦେଖିବାକୁ ମିଳିଛି ଶୁଖୁଆ ଖାଇବାର କ୍ରେଜ୍। ଆମିଷ ବାରରେ ସହରବାସୀମାନେ ସାଧାରଣତଃ ମାଛ, ଅଣ୍ଡା, ଚିକେନ୍ ଓ ମଟନ୍ ଖାଉଥିବାବେଳେ ଖୁବ୍ କମ୍ ଲୋକେ ଶୁଖୁଆ ଖାଇଥାନ୍ତି। କିନ୍ତୁ ମେଳା ପରିସରରେ ଏକମାତ୍ର ଶୁଖୁଆ ଷ୍ଟଲ୍ ଦେଖି ଧନୀ ଠାରୁ ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଶୁଖୁଆ ନେବାକୁ ଭିଡ଼ ଜମାଉଛନ୍ତି। ତେବେ ଏଠାରେ ଶୁଖୁଆର ମୂଲ୍ୟ ୧୬୦ ଟଙ୍କାରୁ ଆରମ୍ଭ କରି କିଲୋ ପିଛା ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## 'ସମୟ ସମୟର କଥା' ଲୋକାର୍ପିତ

**ଭୁବନେଶ୍ୱର, ୧୦।୧(ସମିସ):** ଯୁବ କବି, ପ୍ରାବନ୍ଧିକ ତଥା ଗାଳ୍ପିକ ରାକେଶ ପଣ୍ଡାଙ୍କ ଗଳ୍ପ ସଂକଳନ 'ସମୟ ସମୟର କଥା' ଲୋକସେବା ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଏହି ପୁସ୍ତକକୁ ଲୋକାର୍ପିତ କରିଥିଲେ। ଶ୍ରୀ ପଣ୍ଡାଙ୍କ ଦ୍ୱାରା ରଚିତ ଏବଂ ପଶ୍ଚିମା ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ୩୦ଟି ଗଳ୍ପ ସ୍ଥାନିତ ହୋଇଛି। ଏହି ଗଳ୍ପ ସବୁରେ ସାଧାରଣ ମଣିଷଟିର ବାସ୍ତବ ଜୀବନ ପ୍ରତିଛବି ଓ ଲୁଚିରହିଥିବା ସମ୍ପର୍କର ଅନେକ ପରିଭଷା ବାରି ହୋଇପଡ଼େ। ପୁସ୍ତକଟି ଓଡ଼ିଶାର ବିଭିନ୍ନ ପୁସ୍ତକ ଭଣ୍ଡାର ସହ ଅନ୍‌ଲାଇନ କ୍ରୟ ନିମନ୍ତେ ଆମାଜୋନରେ ଇ-କମର୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି। ଏହି ଅବସରରେ ଗଳ୍ପ, ପ୍ରବନ୍ଧ ଓ କବିତା



ଲେଖିବା ହେଉଛି ତାଙ୍କର ପ୍ରବୃତ୍ତି, ଅନ୍ତରର ଆବେଗ ଏବଂ ବଞ୍ଚିବାର ଏକ ଭିନ୍ନ କାରଣ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଦୀର୍ଘ ୧୫ ବର୍ଷର ନିରନ୍ତର ଯାତ୍ରାର ଯାତ୍ରୀଟିଏ ସାଜି, ଗଳ୍ପ, ପ୍ରବନ୍ଧ ଓ କବିତା ରୂପରେ ପ୍ରାୟ ୩୦୦ରୁ ଅଧିକ ଲେଖା ଲେଖାଲେଖି କରିଛନ୍ତି। ତନ୍ମଧ୍ୟରୁ ୨୨୫ରୁ ଅଧିକ ଲେଖା ବିଭିନ୍ନ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି।

# ଆବର୍ଜନା ପାଣିରେ ଜଳବନ୍ଦୀ ବରମୁଣ୍ଡା ବୁଣାକାର ସାହି

**ଭୁବନେଶ୍ୱର,୧୦।୧(ସମିସ):**

ନିର୍ମାଣଜନିତ ତ୍ରୁଟି ଯୋଗୁଁ ନବନିର୍ମିତ ଡ୍ରେନ୍‌ରେ ଠିକ୍ ଭାବେ ଆବର୍ଜନା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ପ୍ରବାହିତ ହେଉଛି। ଫଳରେ ବିନା ବର୍ଷାରେ ବି ରାସ୍ତା ଉପରେ ପ୍ରବାହିତ ହେଉଛି ଦେଢ଼ଫୁଟ ଉଚ୍ଚର ଆବର୍ଜନା ପାଣି। ଯେଉଁଥିରେ ଚାଲିଚାଲି ଯିବା ତ ଦୂରର କଥା ସାଇକଲ୍ କିମ୍ବା ବାଇକ୍ ଯୋଗେ ଯିବା ମଧ ସମ୍ଭବ ନୁହେଁ। ଦୁର୍ଗନ୍ଧରେ ନାକ ଫାଟିପଡୁଛି ପୂରା ଅଞ୍ଚଳ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିଏମ୍‌ସି ୱାର୍ଡ ନମ୍ବର-୫୦ ଅଧୀନସ୍ଥ ବରମୁଣ୍ଡା ବୁଣାକାର ସାହିଁରେ।

ସୂଚନା ଅନୁସାରେ, ବରମୁଣ୍ଡାସ୍ଥିତ ବୁଣାକାର ସାହିରେ ପ୍ରାୟ ୮୦୦ ଲୋକେ ବସବାସ କରୁଛନ୍ତି। ମୁଖ୍ୟରାସ୍ତାକୁ ଆସିବାକୁ ହେଲେ ଅଞ୍ଚଳବାସୀଙ୍କ ହନୁମାନ ମନ୍ଦିର ଦେଇ ଜଗନ୍ନାଥ ମନ୍ଦିର ରାସ୍ତା ହିଁ ଏକମାତ୍ର ଭରସା। ଯେଉଁ ରାସ୍ତାରେ ପୂର୍ବରୁ କେବଳ ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଥିଲା। ୨୦୧୩ ମସିହାରେ ଏହି ରାସ୍ତାକଡ଼ରେ ଥିବା ୪୦୦ ମିଟର ଡ୍ରେନ୍ ନିର୍ମାଣ କରାଯାଇଥିଲା। କିନ୍ତୁ

### କାମରେ ଆସୁନି ନବନିର୍ମିତ ଡ୍ରେନ୍

ସମୟକ୍ରମେ ଡ୍ରେନ୍‌ଟି ପୋତି ହୋଇଯିବାରୁ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନର୍ବାର ଡ୍ରେନ୍ କାମ କରାଯାଇଥିଲା। ବୁଣାକାର ସାହିରୁ ନିକଟସ୍ଥ ହନୁମାନ ମନ୍ଦିର ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କରାଗଲା। ହେଲେ ଆଶ୍ଚର୍ଯ୍ୟ କଥା ହେଉଛି, ଡ୍ରେନ୍‌ଟି ଯେଉଁଠାରେ ଶେଷ ହୋଇଛି ସେଠାରେ ପାଣି ଜମି ରହୁଥିବାରୁ ରାସ୍ତା ଉପରେ ଡ୍ରେନ୍ ପାଣି ଲହଡ଼ି ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଫଳରେ ମଇଳା ପାଣି ଯୋଗୁଁ ଅନେକ ଲୋକ ସଂକ୍ରମଣର ଶିକାର ହେଉଛନ୍ତି। ଏନେଇ ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂହ କହିଛନ୍ତି ଯେ, ଡ୍ରେନ୍ ଉପରେ ସ୍ଥାନୀୟ ଲୋକେ ମାଟି ଗଦା କରିଥିବାରୁ ତାହା ଡ୍ରେନ୍ ଭିତରକୁ ପଶି ଯାଇଛି। ଫଳରେ ଡ୍ରେନ୍ ଜାମ୍ ହୋଇଛି। ଏହାସହ ନିକଟରେ ୨୪ଘଣ୍ଟିଆ ପାଣି ସଂଯୋଗ ପାଇଁ ଖୋଳାଯିବା ସମୟରେ ପାଇପ୍ ଫାଟି ଯାଇ ପାଣି ସବୁ ଡ୍ରେନ୍ ଭିତରେ ପଶି ଉଛୁଳି ରାସ୍ତା ଉପରେ ବହୁଛି। ଯଥାଶିଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



## ୧୭ରୁ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'

**ଭୁବନେଶ୍ୱର, ୧୦।୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆସନ୍ତା ୧୭ତାରିଖରୁ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୪' ଆରମ୍ଭ ହେବ। ୧୯ପର୍ଯ୍ୟନ୍ତ ୩ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଥମ ଦିନରେ ପ୍ରଦୀପ କୁମାର ଦାସ ଓ ଗ୍ରୁପ୍ ଦ୍ୱାରା କୋରସ୍ ଗାନ କରାଯିବା ସହ ନୂଆଦିଲ୍ଲୀର କବିତା ଦ୍ୱିବେଦୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ। ସେହିପରି ବେଙ୍ଗାଲୁରୁର ନୃତ୍ୟଧାରା ପକ୍ଷରୁ ମଧୁଲିତା ମହାପାତ୍ର ଓ ଗ୍ରୁପ୍ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଦ୍ୱିତୀୟ ଦିନରେ ବିଶ୍ୱନାଥ ମିଶ୍ର ଓ ଗ୍ରୁପଙ୍କ ଦ୍ୱାରା କୋରସ୍ ଗାନ, ଢେଙ୍କାନାଳର ଗୌରୀଶଙ୍କର ଦାସଙ୍କ ଦ୍ୱାରା ଏକକ ନୃତ୍ୟ, ଭୁବନେଶ୍ୱରର ଅନିକେତ ପଲ୍ଲବ ନାୟକ ଓ ବିଶ୍ୱରୂପା ଦୀକ୍ଷିତଙ୍କ ଦ୍ୱାରା ଦ୍ୱୈତ୍ୟ ନୃତ୍ୟ ଏବଂ ସୁରଭି ଅନୁଷ୍ଠାନ ପକ୍ଷରୁ ପୀତାମ୍ବର ବିଶ୍ୱାଳ ଓ ଗ୍ରୁପଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଶେଷ ସନ୍ଧ୍ୟାରେ ମାତୃ ପ୍ରସାଦ ଦାସ ଓ ଗ୍ରୁପଙ୍କ ଦ୍ୱାରା କୋରସ୍ ଗାନ, ଯଜ୍ଞଦତ୍ତ ପ୍ରଧାନଙ୍କ ଏକକ ନୃତ୍ୟ ପରିବେଷଣ କରାଯିବ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୧୩
- ୟୁରୋ ୯୦.୭୫ ● ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୬୫୦ (ନୂଆଦିଲ୍ଲୀ)
- ରୁପା : ୭୬,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୬୫୭.୦୦
- ନିଫ୍ଟି ୨୧,୬୧୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ରାଜ୍ୟକୁ ନାବାର୍ଡ ଦେବ ୨ ଲକ୍ଷ କୋଟି ଋଣ

## ଋଣ ପରିମାଣ ଜିଏସ୍‌ଡିପିର ସାଢ଼େ ତିନି ଲକ୍ଷ କୋଟି ହେବା ଉଚିତ୍:ବିଶାଳ ଦେବ

ଭୁବନେଶ୍ୱର,୧୦।୧(ସମିସ)

ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ (ନାବାର୍ଡ) ପାଇଁ ୨ ଲକ୍ଷ କୋଟି ଟଙ୍କାର ଋଣ ଯୋଜନା କରିଛି। ୨୦୨୪-୨୫ ଆର୍ଥିକବର୍ଷରେ ବ୍ୟାଙ୍କ ଏହାର ଅଗ୍ରାଧିକାରୀ କ୍ଷେତ୍ର ଅଧୀନରେ ରାଜ୍ୟକୁ ଏହି ଋଣ ଯୋଗାଇଦେବ ବୋଲି ନାବାର୍ଡ ପକ୍ଷରୁ ଉନ୍ମୋଚନ କରାଯାଇଥିବା ଷ୍ଟେଟ୍ ଫୋକସ୍ ପେପରରେ ଏହା ଦର୍ଶାଯାଇଛି। ଯଦିବା ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଦୃଷ୍ଟିରୁ ବିଚାର କଲେ ଓଡ଼ିଶାକୁ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସାଢ଼େ ତିନି ଲକ୍ଷ କୋଟି ଟଙ୍କାର ଋଣ ମିଳିବା କଥା। ଏହାକୁ ବର୍ତ୍ତମାନ କେବଳ ୨,୦୦,୬୦୮ କୋଟି ଟଙ୍କାରେ ସୀମିତ ରଖାଯାଇଥିବା ନେଇ ଅର୍ଥ ବିଭାଗର ପ୍ରମୁଖ ସଚିବ ଶୋଭ ପ୍ରକାଶ କରିଛନ୍ତି।




ବୁଧବାର ଭୁବନେଶ୍ୱରଠାରେ ନାବାର୍ଡ ପକ୍ଷରୁ ରାଜ୍ୟ କ୍ରେଡିଟ୍ ସେମିନାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଋଣ ସମୟାନୁଯାୟୀ, ଯୋଜନା ସମ୍ପୂର୍ଣ୍ଣ କରିଥିବା ନେଇ ନାବାର୍ଡକୁ ଅଭିନନ୍ଦନ ଜଣାଇଥିଲେ। ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟିରେ ନାବାର୍ଡ ହେଉଛି ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ସହଯୋଗୀ ବୋଲି ସେ କହିଥିଲେ। ଏଥିରେ ଅର୍ଥ ବିଭାଗର ମୁଖ୍ୟ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ,ବ୍ୟାଙ୍କରୁ ଓଡିଶାର ପ୍ରାଥମିକ କ୍ଷେତ୍ରକୁ ଋଣ ପ୍ରବାହ ଯଦିଓ ଏ ପର୍ଯ୍ୟନ୍ତ ଭଲ ରହିଛି, ତଥାପି ଏହା ପାଇଁ ଅନେକ ଜରୁରୀ ଉନ୍ନତି ଏବଂ ଧ୍ୟାନର ଆବଶ୍ୟକତା ରହିଛି। ଏହି ଅବସରରେ ସେ କହିଲେ,ନାବାର୍ଡ ପକ୍ଷରୁ ରାଜ୍ୟ ପାଇଁ କରାଯାଇଥିବା ଋଣ ଯୋଜନା ଅନୁଯାୟୀ, ଏହା ରାଜ୍ୟ ଜିଏସ୍‌ଡିପିର ୪୦ ପ୍ରତିଶତ ହେବା ଉଚିତ, ଯାହାକି ପାଖାପାଖି ୩.୫୦ ଲକ୍ଷ କୋଟି ଟଙ୍କା ହେବ। ତେବେ ୨୦୨୪-୨୫ ପାଇଁ ରାଜ୍ୟ ଲାଗି କେବଳ ୨ ଲକ୍ଷ କୋଟି ଟଙ୍କାର ଋଣ ଯୋଜନା କରାଯାଇଛି। ଏ କ୍ଷେତ୍ରରେ ଆଞ୍ଚଳିକ ଭେଦଭାବ ହଟାଇବାକୁ ଶ୍ରୀ ଦେବ ଆହ୍ୱାନ କରିଛନ୍ତି। ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ସମସ୍ତ ବ୍ୟାଙ୍କକୁ କହିବା ସହ ବିଶେଷକରି କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ଉପରେ ଧ୍ୟାନ ଦେବାକୁ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ସଚିବ ଆରବିନ୍ଦ କୁମାର ପାଢ଼ୀ ରାଜ୍ୟ ଫୋକସ୍ ପେପର ପାଇଁ ନାବାର୍ଡ ଦ୍ୱାରା ନିଆଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ନାବାର୍ଡ ଷ୍ଟେଟ୍ ଫୋକସ୍ ପେପର ଉନ୍ମୋଚନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ ସିଜିଏମ୍ ଡ. ସୁଧାଂଶୁ କେ.କେ. ମିଶ୍ର, ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏସ୍.ପି. ମହାନ୍ତି, ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର, ବ୍ୟାଙ୍କ ଏବଂ ରାଜ୍ୟ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

**'ଷ୍ଟେଟ୍ ଫୋକସ୍ ପେପର' ଉନ୍ମୋଚିତ**

## ଗୁଜୁରାଟରେ ବିଶ୍ୱର ଏକକ ବୃହତ ଇସ୍ପାତ ପ୍ଲାଣ୍ଟ ନିର୍ମାଣ କରିବ ଆର୍ସେଲର ମିତ୍ତଲ

**ଭୁବନେଶ୍ୱର, ୧୦।୧(ସମିସ):** ଗୁଜୁରାଟର ହାଜିରାଠାରେ ବିଶ୍ୱର ଏକକ ବୃହତମ ଇସ୍ପାତ ଉତ୍ପାଦନ କାରଖାନା କରିବ ବିଶ୍ୱର ଅଗ୍ରଣୀ ଇସ୍ପାତ ଏବଂ ଖଣି କମ୍ପାନୀ ଆର୍ସେଲର ମିତ୍ତଲ। ୧୦ମ ଭାଇବ୍ରାଣ୍ଟ ଗୁଜୁରାଟ ଗ୍ଲୋବାଲ ଶିଖର ସମ୍ମିଳନୀରେ ଶ୍ରୀ ମିତ୍ତଲ ଏହା ଘୋଷଣା କରିଛନ୍ତି। କମ୍ପାନୀ ଏହାର ଗୁଜରାଟ ହାଜିରାସ୍ଥିତ ୟୁନିଟ୍‌ର ପ୍ରକଳ୍ପ ସମ୍ପ୍ରସାରଣରେ ନିୟୋଜିତ ରହିଛି। ୨୦୨୯ ଶେଷ ସୁଦ୍ଧା ବାର୍ଷିକ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଅଦ୍ୱିତୀୟ କ୍ଷମତା ସହିତ ଉପଲବ୍ଧ ହେବ ଯାହାକି ଆର୍ସେଲର ମିତ୍ତଲର ସ୍ଥିତିକୁ ବିଶ୍ୱବ୍ୟାପୀ ଏକ ବୃହତ୍ ଏକକ ଇଣ୍ଟିଗ୍ରେଡେଡ୍ ଷ୍ଟିଲ୍ ପ୍ଲାଣ୍ଟ ଭାବରେ ଦୃଶ୍ୟ ହେବ। ଭାରତର ଆତ୍ମନିର୍ଭର ଭାରତ ଯାତ୍ରାରେ ଉଲ୍ଲେଖନୀୟ ଅବଦାନ ପାଇଁ କମ୍ପାନୀର ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଏହି ଘୋଷଣା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଆର୍ସେଲର ମିତ୍ତଲର ଅଧ୍ୟକ୍ଷ ଲକ୍ଷ୍ମୀ ମିତ୍ତଲ କହିଛନ୍ତି, ଆତ୍ମନିର୍ଭରଶୀଳତା ଦିଗରେ ଯେ କୌଣସି ଦେଶର ଯାତ୍ରା ପାଇଁ ଇସ୍ପାତ ହେଉଛି ଅନ୍ୟତମ ପ୍ରମୁଖ ଯୋଗଦାନକାରୀ। ଆତ୍ମନିର୍ଭର ଭାରତ କେନ୍ଦ୍ରରେ ଇସ୍ପାତ ଅଛି ଯାହା ଭିତ୍ତିଭୂମି, ସହରୀକରଣ, ନବୀକରଣ ଯୋଗ୍ୟ, ଅଟୋମୋବାଇଲ୍ ସହିତ ବୈଦ୍ୟୁତିକ ଯାନ, ପ୍ରତିରକ୍ଷା ଏବଂ ରେଳବାଇ ଭଳି ବିଭିନ୍ନ ପ୍ରୟୋଗକୁ ସମର୍ଥନ କରୁଛି। ସର୍ବଭାରତୀୟ ବୈଷୟିକ ଜ୍ଞାନକୌଶଳରେ ସର୍ବୋତ୍ତମ ଆଣିବା ଦ୍ୱାରା, ଆମେ ଉଚ୍ଚ ମାନର ଉତ୍ପାଦର ବିକାଶ କରୁଛୁ ଯାହା ଏମଏସଏମଇ ଗୁଡ଼ିକରେ ଇସ୍ପାତ ଗ୍ରାହକଙ୍କୁ ଷ୍ଟାର୍ଟ ଅପ୍ ପ୍ରତିଯୋଗିତାରେ ସାହାଯ୍ୟ କରିବ। ସେ ଆହୁରିମଧ୍ୟ କହିଛନ୍ତି ଯେ, ଗୁଜୁରାଟ ଚାରି ବର୍ଷ ପୂର୍ବେ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆକୁ ସ୍ୱାଗତ କରିଥିଲା।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବଜାର ପୁଞ୍ଜି ୨୦ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି):** ରିଲାଏନ୍ସ ଗ୍ରୁପ୍ ଅଫ୍ କମ୍ପାନୀର ବଜାର ପୁଞ୍ଜି ୨୦ ଲକ୍ଷ କୋଟି ଟଙ୍କା ଟପିଛି। ବୁଧବାର ରିଲାଏନ୍ସ ଷ୍ଟକ୍ସ ମୂଲ୍ୟରେ ଜବରଦସ୍ତ ବୃଦ୍ଧି ଯୋଗୁ କେବଳ ଅମ୍ବାନୀଙ୍କ ବଜାର ପୁଞ୍ଜି ପାଖାପାଖି ୧୮ ଲକ୍ଷ କୋଟି ହୋଇଛି। ଗ୍ରୁପ କମ୍ପାନୀର ମୋଟ ବଜାର ପୁଞ୍ଜିର ୯୦ ପ୍ରତିଶତ କେବଳ ରିଲାଏନ୍ସର। ନିକଟରେ ଷ୍ଟକ୍ ବଜାରରେ ଲିଷ୍ଟିଂ ହୋଇଥିବା ଜିଓ ଫାଇନାନ୍ସିଆଲ୍ ସର୍ଭିସ୍‌ର ବଜାର ପୁଞ୍ଜି ୧.୫ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୩ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଶେୟାର ୧୧ ପ୍ରତିଶତ ବଢ଼ିଛି।

## ତାମିଲନାଡୁରେ ୧୦୦୦ କୋଟି ନିବେଶ କରିବ ଜିନ୍ଦଲ ଆଡଭାନ୍ସଡ ମ୍ୟାଟେରିଆଲ୍ସ



**ଭୁବନେଶ୍ୱର, ୧୦।୧(ସମିସ):** ଜିନ୍ଦଲ ଆଡଭାନ୍ସଡ ମ୍ୟାଟେରିଆଲ୍ସ(ଜାମ୍) ପ୍ରାୟ ୧୦୦୦ କୋଟି ଟଙ୍କା ନିବେଶ କରି ଦକ୍ଷିଣ ଭାରତରେ ଏହାର ପ୍ରଥମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ପାଇଁ ତାମିଲନାଡୁ ସରକାରଙ୍କ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ୨୫୦ ଏକର ପରିସରରେ ବ୍ୟାପିଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟ ତ୍ରିଚିରେ ସ୍ଥାପନ ହେବ ଏବଂ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ। ଚେନ୍ନାଇରେ ଆୟୋଜିତ ଦୁଇ ଦିନିଆ ବୈଶ୍ୱିକ ନିବେଶକ ସମ୍ମିଳନୀରେ ଜାମର ନିର୍ଦ୍ଦେଶକ ସି ପି ଅଗ୍ରୱାଲ ଏବଂ ତାମିଲନାଡୁ ସରକାରଙ୍କ ଗାଇଡାନ୍ସ, ଶିଳ୍ପ, ନିବେଶ ପ୍ରୋତ୍ସାହନ ଓ ବାଣିଜ୍ୟ ବିଭାଗର ଏମଡି ଓ ସିଇଓ,ଭି ବିଷ୍ଣୁ (ଆଇଏଏସ୍) ମିଳିତ ଭାବେ ସୋମବାର ଦିନ ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ଶିଳ୍ପ ମନ୍ତ୍ରୀ ଡ. ଟି ଆର ବି ରାଜା, ମୁଖ୍ୟ ଶାସନ ସଚିବ ଶିବ ଦାସ ମୀନା ପ୍ରମୁଖ ଏହି ସମାବେଶରେ ଉପସ୍ଥିତ ଥିଲେ। ଜାମ୍ ଏହାର ପ୍ଲାଣ୍ଟରେ ଅଭିନବ କମ୍ପୋଜିଟ୍ ସାମଗ୍ରୀ ଉତ୍ପାଦନ କରିବ, ଯାହାକି ସାରା ଭାରତରେ କମ୍ପାନୀର ଚତୁର୍ଥ ପ୍ଲାଣ୍ଟ। ଏହି ଅବସରରେ ଜାମର ନିର୍ଦ୍ଦେଶକ ସି ପି ଅଗ୍ରୱାଲ କହିଛନ୍ତି, ଦକ୍ଷିଣ ଭାରତରେ ଆମର ଗ୍ରାହକ ସେବା ଅଭିଜ୍ଞତାକୁ ବୃଦ୍ଧି କରିବାରେ ଏହି ଏମଓୟୁର ପ୍ରମୁଖ ଭୂମିକା ରହିଛି।

# ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି: ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି:** ୨୦୨୭-୨୮ ସୁଦ୍ଧା ୫ ଟ୍ରିଲିୟନ ଡଲାରରୁ ଅଧିକ ମୋଟ ଘରୋଇ ଉତ୍ପାଦ (ଜିଡିପି) ସହିତ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ୫୦ କୋଟିରୁ ଅଧିକ ଭାରତୀୟଙ୍କର ବ୍ୟାଙ୍କ ଆକାଉଣ୍ଟ ରହିଥିବାବେଳେ ୨୦୧୪ରେ ଏହି ସଂଖ୍ୟା ୧୫ କୋଟି ରହିଥିଲା। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଗତ ୮-୯ ବର୍ଷ ମଧ୍ୟରେ ଭାରତ ୫୯୫ ବିଲିୟନ ଡ଼ଲାରର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଛି।




ଅର୍ଥମନ୍ତ୍ରୀ କହିଛନ୍ତି ଯେ ରକ୍ଷଣଶୀଳ ଆକଳନ ଅନୁଯାୟୀ ୨୦୪୭ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୩୦ ଟ୍ରିଲିୟନ ଡଲାରରେ ପହଞ୍ଚିବ। ଭାଇବ୍ରାଣ୍ଟ ଗୁଜୁରାଟ ଗ୍ଲୋବାଲ ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଏହା ସମ୍ଭବ ଯେ ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇପାରିବା ଏବଂ ସେହି ସମୟ ସୁଦ୍ଧା ଆମର ଜିଡିପି ପାଞ୍ଚ ଟ୍ରିଲିୟନ ଡଲାର (ପାଞ୍ଚ ଟ୍ରିଲିୟନ ଡଲାର) ଅତିକ୍ରମ କରିବ। ଏକ ରକ୍ଷଣଶୀଳ ଆକଳନ ହେଉଛି ଯେ ୨୦୪୭ ସୁଦ୍ଧା ଆମ ଅର୍ଥନୀତି ଅତି କମରେ ୩ ଟ୍ରିଲିୟନ ଡଲାରରେ ପହଞ୍ଚିବ। ବର୍ତ୍ତମାନ ଜିଡିପି ପ୍ରାୟ 3.4 ଟ୍ରିଲିୟନ ଡଲାର ସହିତ ଭାରତ ହେଉଛି ପଞ୍ଚମ ବୃହତ୍ତମ ଅର୍ଥନୀତି। ବର୍ତ୍ତମାନ ଆମେରିକା, ଚୀନ୍, ଜାପାନ ଏବଂ ଜର୍ମାନୀ ଏହାଠାରୁ ଆଗରେ ଅଛନ୍ତି। ଚଳିତ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୭.୩ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷରେ ଏହାର ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିଥିଲା। ଗତ ୮-୯ ବର୍ଷ ମଧ୍ୟରେ ୫୯୫ ବିଲିୟନ ଡଲାର ଏଫ୍‌ଡିଆଇ ଆସିଥିବା ସୀତାରମଣ କହିଛନ୍ତି। ୨୦୨୩ ପର୍ଯ୍ୟନ୍ତ ଭାରତକୁ ବିଗତ ୨୩ ବର୍ଷ ମଧ୍ୟରେ ୯୧୯ ବିଲିୟନ ଡ଼ଲାରର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ହାସଲ ହୋଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଦୃଷ୍ଟିରେ ରଖି ସେ କହିଛନ୍ତି ଯେ ବ୍ୟାଙ୍କ ଆକାଉଣ୍ଟ ଥିବା ଲୋକଙ୍କ ସଂଖ୍ୟା ୫୦ କୋଟିକୁ ବୃଦ୍ଧି ପାଇଥିବାବେଳେ ୨୦୧୪ ରେ କେବଳ ୧୫ କୋଟି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଥିଲା।

**୫ ଟ୍ରିଲିୟନ୍ ଡଲାର ଛୁଇଁବ ଜିଡିପି**

## ଗୁଜରାଟରେ ୨ ଲକ୍ଷ କୋଟି ଟଙ୍କା ନିବେଶ କରିବେ ଗୌତମ ଆଦାନୀ

**ଗାନ୍ଧିନଗର,୧୦।୧(ଏଜେନ୍ସି):** ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ବୁଧବାର ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍-୨୦୨୪କୁ ସମ୍ବୋଧିତ କରି ଆଗାମୀ ୫ ବର୍ଷରେ ଗୁଜରାଟରେ ୨ଲକ୍ଷ କୋଟି ଟଙ୍କା ନିବେଶ କରିବ ବୋଲି ଘୋଷଣା କରିଛନ୍ତି। ଏହି ନିବେଶରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଆଦାନୀଙ୍କ କମ୍ପାନୀ ଗୁଜରାଟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶରେ ଯେଉଁ ସବୁ ପ୍ରକଳ୍ପ ହାତକୁ ନେବେ ସେଥିରେ ଗ୍ରୀନ ଏନର୍ଜୀ ପାର୍କ ମଧ୍ୟ ରହିବ। ସେ କହିଛନ୍ତି ଯେ ଗତ ଶିଖର ସମ୍ମିଳନୀରେ ୫୫,୦୦୦ କୋଟି ଟଙ୍କା ନିବେଶର ସଂକଳ୍ପ କରିଥିଲେ। ଯେଉଁଥିରେ ଗ୍ରୁପ ଏ ପର୍ଯ୍ୟନ୍ତ ୫୦,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିସାରିଲାଣି। ଆଦାନୀ କହିଛନ୍ତି ଯେ ଗ୍ରୁପ ଏବେ କଚ୍ଛରେ ୨୫ ବର୍ଗ କିମିରେ ବ୍ୟାପ୍ତ ୩୦ ଜିଗାୱାଟ କ୍ଷମତାର ଏକ ଗ୍ରୀନ ଏନର୍ଜୀ ପାର୍କ ନିର୍ମାଣ କରୁଛି,ଯାହା ମହାକାଶରୁ ମଧ୍ୟ ଦେଖାଯିବ।

## ଟାଟା ପାୱାରର ଡିସକମ୍ ପକ୍ଷରୁ 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍' ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୧୦।୧(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟାଟା ପାୱାରର ଡିସକମ୍‌ଗୁଡ଼ିକ ପକ୍ଷରୁ 'ମାଇଁ ଓଡ଼ିଶା, ଇଣ୍ଡିଆଜ୍ ପ୍ରାଇଡ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ କମ୍ପାନୀର ଏହି ପଦକ୍ଷେପ ବେଶ ଗୁରୁତ୍ୱପୂର୍ଣ୍ଣ। ୮-୧୨ ବର୍ଷ ଏବଂ ୧୩-୧୬ ବର୍ଷର ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଜାଗ୍ରତ କରିବା ଲକ୍ଷ୍ୟ ରଖି ଏହି ଅଭିଯାନରେ ପିଲାମାନଙ୍କୁ ଚିତ୍ରକଳା, ସ୍କେଚ୍ ଏବଂ କବିତା, ପ୍ରବନ୍ଧ ଓ କାହାଣୀ ଭଳି ସାହିତ୍ୟିକ ଲେଖା ପଠାଇବା ପାଇଁ ଆହ୍ୱାନ ଦିଆଯାଇଛି।




ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ସହ ଖାପଖାଉଛି ଯାହା ଶିକ୍ଷା ଓ ସଂସ୍କୃତି ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ଛାତ୍ରଛାତ୍ରୀମାନେ ସେମାନଙ୍କ ଭିଡିଓ ଆବେଦନକୁ କବିତା, ପ୍ରବନ୍ଧ ଓ କାହାଣୀ ମାଧ୍ୟମରେ ପଠାଇପାରିବେ।

# ହୋଣ୍ଡା 'ଓ' ସିରିଜ୍‌ର ୱାର୍ଲ୍ଡ ପ୍ରିମିୟର

**ଭୁବନେଶ୍ୱର,୧୦।୧(ସମିସ):** ହୋଣ୍ଡା ପକ୍ଷରୁ ବିଶ୍ୱ ବଜାର ଲାଗି ନୂଆ ଇଭି ସିରିଜ୍ ହୋଣ୍ଡା 'ଓ' ସିରିଜ୍‌ର ୱାର୍ଲ୍ଡ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ୨୦୨୬ରେ ଏହି କାରର ବଜାର ପ୍ରବେଶ କରାଇବ। ଏଥିରେ ଦୁଇ କନ୍‌ସେପ୍ଟ ମଡେଲ ସାଲୋନ୍ ଏବଂ ସ୍ପେସ୍ ହବ୍ ପ୍ରଦର୍ଶନ କରାଯାଇଥିଲା। ଲା ଭେଗାସ୍‌ଠାରେ ଅନୁଷ୍ଠିତ ସିଇଏସ୍ ୨୦୨୪ରେ ହୋଣ୍ଡାର ପରବର୍ତ୍ତୀ ପୀଢ଼ିର ଇଭି ମଡେଲ୍‌ଗୁଡିକରେ ନିୟୁ ଏଚ୍ ମାର୍କର ପ୍ରଦର୍ଶନ କରାଯାଇଛି। ହୋଣ୍ଡା 'ଓ' ସିରିଜ୍ ପତଳା, ହାଲୁକା ଏବଂ ୫ ମୁଖ୍ୟ ମୂଲ୍ୟବୋଧକୁ ଆଧାର କରି ବିକାଶ କରାଯାଇଛି। ହୋଣ୍ଡା 'ଓ' ସିରିଜ୍ ହେଉଛି




ଏକ ନୂଆ ଇଭି ସିରିଜ୍ ଯାହା କିଭଳି ଭାବେ ହୋଣ୍ଡା ଏହାର ଗ୍ଲୋବାଲ ବ୍ରାଣ୍ଡ ସ୍ଲୋଗାନ୍ ଏବଂ ବୈଦ୍ୟୁତିକରଣ ନୀତି ଆଧାରରେ ରୂପାନ୍ତରଣ ଆଡକୁ ଅଗ୍ରସର ହେଉଥିବାର ସଙ୍କେତ ଦେଉଛି। ୨୦୨୬ରେ ହୋଣ୍ଡା ଏହାର ହୋଣ୍ଡା 'ଓ' ସିରିଜ୍‌ର ପ୍ରଥମ ମଡେଲ ବିଶ୍ୱ ବଜାରକୁ ଛାଡିବ। ଏହା ଉତ୍ତର ଆମେରିକା ପରେ ଜାପାନ, ଏସିଆ, ୟୁରୋପ, ଆଫ୍ରିକା, ଦକ୍ଷିଣ ଆମେରିକା ଏବଂ ମଧ୍ୟ ପ୍ରାଚ୍ୟ ବଜାରକୁ ଛଡାଯିବ।

**କ୍ରେଡାଇ-ଲାଇସିସ୍ ଫୋରାସ୍ ରିପୋର୍ଟ**

# ୨୦୩୬ ସୁଦ୍ଧା ଦେଶରେ ଅତିରିକ୍ତ ୬.୪ କୋଟି ଘର ଆବଶ୍ୟକ

ନୂଆଦିଲ୍ଲୀ,୧୦।୧(ଏଜେନ୍ସି)

'ଜନସଂଖ୍ୟାରେ ବୃଦ୍ଧି ହେତୁ ୨୦୩୬ ସୁଦ୍ଧା ଦେଶରେ ଅତିରିକ୍ତ ୬.୪ କୋଟି ଘର ଆବଶ୍ୟକ ପଡିବ। ଦିନକୁ ଦିନ ବୃଦ୍ଧି ପାଉଥିବା ଜନସଂଖ୍ୟାର ଚାହିଦା ପୂରଣ କରିବାକୁ ୨୦୩୬ ସୁଦ୍ଧା ଦେଶରେ ଅତିରିକ୍ତ ୬.୪ କୋଟି ଘର ଆବଶ୍ୟକ ହେବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଭାରତୀୟ ଜନସଂଖ୍ୟା ଏବଂ ଅର୍ଥନୀତି ଦ୍ୱାରା ଘର ଚାହିଦା ଏବଂ ଯୋଗାଣରେ ତୀବ୍ର ବୃଦ୍ଧି ଘଟିଥିବା କ୍ରେଡାଇ-ଲାଇସ୍ ଫୋରସ୍ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହାସହିତ, ଘର କ୍ରେତାମାନଙ୍କର କ୍ରୟ ଶକ୍ତି ମଧ୍ୟ ବଢ଼ିଛି। ସେମାନେ ବର୍ତ୍ତମାନ ବଡ଼ ଘର କିଣିବାକୁ ଚାହୁଁଛନ୍ତି। ବାରାଣାସୀଠାରେ ଆୟୋଜିତ ନ୍ୟୁ ଇଣ୍ଡିଆ ସମ୍ମିଳନୀରେ ଡାଟା ଆନାଲିଟିକ୍ସ କମ୍ପାନୀ ଲାଇସିସ୍ ଫୋରାସ୍ ସହଯୋଗରେ କ୍ରେଡାଣ ଏହି ରିପୋର୍ଟ ଉପସ୍ଥାପନ କରିଛି।

ରିପୋର୍ଟ ଅନୁଯାୟୀ, ୨୦୧୮ ରେ ଭାରତରେ ମୋଟ ୨.୯ କୋଟି ଘରର ଅଭାବ ଦେଖାଦେଇଛି। କରୋନା ଅବଧି ଶେଷ ହେବା ପରେ ସାରା ଦେଶରେ ଆବାସିକ ସମ୍ପତ୍ତିର ଚାହିଦା ବୃଦ୍ଧି ପାଇଛି। ବିଶେଷ କଥା ହେଉଛି ମହଙ୍ଗା ଘର ଋଣ ଏବଂ ଆବାସିକ ସମ୍ପତ୍ତି ମୂଲ୍ୟରେ ବୃଦ୍ଧି



ସତ୍ତ୍ୱେ ଏକ ବଡ ଘର କିଣିବା ବିଷୟରେ ଲୋକଙ୍କ ଧାରଣା ସକରାତ୍ମକ ରହିଥାଏ। ଏହିସବୁ ବିଷୟକୁ ବିଚାରକୁ ନେଇ, ୨୦୩୬ ସୁଦ୍ଧା ଦେଶରେ ୯.୩ କୋଟି ଘରର ଚାହିଦା ରହିବ |ରିପୋର୍ଟ ଅନୁଯାୟୀ, ବଡ ସହର ସହିତ ଟାୟାର୍-୨ ଏବଂ ଟାୟାର୍ -୩ (ମଧ୍ୟମ ଏବଂ ଛୋଟ) ସହରରେ ଘରର ଚାହିଦା ବଢୁଛି। ଏହା ମଧ୍ୟମ ଏବଂ ଛୋଟ ସହରଗୁଡ଼ିକରେ ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରିବ, ଯାହା ରିଅଲ୍ ଇଷ୍ଟେଟ୍ ଶିଳ୍ପ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ରିଅଲ ଇଷ୍ଟେଟ କ୍ଷେତ୍ରରେ ରେ ଘରୋଇ ଇକ୍ୱିଟି (ପିଇ) ବିନିଯୋଗ ୨୬ ପ୍ରତିଶତ ହ୍ରାସ ହୋଇ ଚଳିତ ଆର୍ଥିକବର୍ଷର ଏପ୍ରିଲ-ଡିସେମ୍ବର ଅବଧିରେ ୨.୬୫ ବିଲିୟନ ଡ଼ଲାରରେ ପହଞ୍ଚିଛି। ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ସଚେତନ ବିଦେଶୀ ଏବଂ ଘରୋଇ ନିବେଶକମାନଙ୍କ ଦ୍ୱାରା ଏହି ହ୍ରାସ ଘଟିଥିଲା। ୨୦୨୨-୨୩ର ଏପ୍ରିଲ୍-ଡିସେମ୍ବର ଅବଧିରେ ପିଇ ବିନିଯୋଗ ୩.୬ ବିଲିୟନ ଡ଼ଲାର ରହିଥିଲା। ଆନାରୋକ୍ କ୍ୟାପିଟାଲ୍ ରିପୋର୍ଟ ଅନୁଯାୟୀ, ମୋଟ ପିଇ ନିବେଶର ୮୪ ପ୍ରତିଶତ ଇକ୍ୱିଟି ଆକାରରେ ଆସିଥିବାବେଳେ ୮୪ ପ୍ରତିଶତ ଋଣ ଆକାରରେ ଆସିଛି। ଆନାରୋକ୍ କ୍ୟାପିଟାଲ୍ କ୍ୟାପିଟାଲର ଏମଡି ତଥା ସିଇଓ ଶୋଭିତ୍ ଅଗ୍ରୱାଲ କହିଛନ୍ତି ଯେ ମୋଟ ପିଇ ପ୍ରବାହରେ ବିଦେଶୀ ନିବେଶକଙ୍କ ଅଂଶ ୭୯ ପ୍ରତିଶତରୁ ୮୬ ପ୍ରତିଶତକୁ ବୃଦ୍ଧି ପାଇଛି। ଘରୋଇ ପୁଞ୍ଜି ବିନିଯୋଗ ଅଂଶ ୧୪ ପ୍ରତିଶତକୁ ହ୍ରାସ ପାଇଛି। ଏପ୍ରିଲ-ଡିସେମ୍ବର ମାସରେ ଘରୋଇ ନିବେଶକଙ୍କ ଦ୍ୱାରା ବିନିଯୋଗ ୭୧.୭ ବିଲିୟନ ଡ଼ଲାରରୁ ୩୬୦ ମିଲିୟନ ଡ଼ଲାରକୁ ହ୍ରାସ ପାଇଛି |

ଲାଇସିସ୍ ଫୋରାସ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ କପୁର କହିଛନ୍ତି ଯେ ଭାରତୀୟ ରିଏଲ୍ ଇଷ୍ଟେଟ୍ କ୍ଷେତ୍ର ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ରହିଛି। ଏଥିରେ କ୍ରମାଗତ ଚାହିଦା ଏବଂ ଯୋଗାଣ ଜିଡିପିରେ ଯଥେଷ୍ଟ ସହାୟକ ହେଉଛି। ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ନିଶ୍ଚିତ ରାସ୍ତା ପ୍ରସ୍ତୁତ କରାଯିବ।

## ଅଶୋଧିତ ତୈଳ ମୂଲ୍ୟ କମାଇବ ସାଉଦି ଆରବ

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି):** ଆସନ୍ତା ମାସରୁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ କରିବାକୁ ସାଉଦି ଆରବ ଘୋଷଣା କରିଛି। ସାଉଦିର ବୃହତ୍ତମ ତୈଳ କମ୍ପାନୀ ଆରାମକୋ କହିଛି ଯେ ଏସିଆରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୨ ଡଲାରକୁ ହ୍ରାସ ହେବ। ୨୭ ମାସ ମଧ୍ୟରେ ପ୍ରଥମ ଥର ପାଇଁ ସାଉଦି ଆରବ ଅଶୋଧିତ ତୈଳ ମୂଲ୍ୟକୁ ଏତେ ହ୍ରାସ ଘଟାଇଛି। ଏହାପୂର୍ବରୁ ଗତ ଡିସେମ୍ବରରେ ଆରାମକୋ ତୈଳ ବ୍ୟାରେଲ ପିଛା ମୂଲ୍ୟ୧.୫ ଡଲାର ହ୍ରାସ କରିବାକୁ ଘୋଷଣା କରିଥିଲା। ସାଉଦି ଆରବର ଏହି ପଦକ୍ଷେପ ଭାରତ ସମେତ ସମସ୍ତ ଏସୀୟ ଦେଶ ପାଇଁ ଲାଭଦାୟକ ହେବ। ସାଉଦି ପାଇଁ ଏସିଆ ଏକ ବଡ଼ ବଜାର। ଚୀନ୍ ଏବଂ ଭାରତ ହେଉଛି ଦୁଇ ଦେଶ ଯିଏ କି ସାଉଦିରୁ ସର୍ବାଧିକ ତେଲ କିଣୁଛନ୍ତି। ବାସ୍ତବରେ, ୟୁକ୍ରେନ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ୍ୟ ଦେଶଗୁଡିକ ଋଷର ଅଶୋଧିତ ତୈଳ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏହି କାରଣରୁ ଦେଶଗୁଡିକ ଋଷରୁ ତେଲ କିଣିବା ବନ୍ଦ କରିଦେଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଋଷ ଭାରତ ଏବଂ ଚୀନକୁ ରିଆତି ମୂଲ୍ୟରେ ଅଶୋଧିତ ତୈଳ ପ୍ରଦାନ କରିଥିଲା।ଯୁଦ୍ଧ ପୂର୍ବରୁ ଭାରତ ରୁଷରୁ ମୋଟ ତେଲର ମାତ୍ର ୧ ପ୍ରତିଶତ କ୍ରୟ କରୁଥିଲା। କିନ୍ତୁ ଶସ୍ତା ଅଫର ପାଇବା ପରେ ଭାରତ ତୁରନ୍ତ ଋଷରୁ ତୈଳ କିଣିବା ଆରମ୍ଭ କଲା। ଆଜି ଭାରତ ଋଷରୁ ସର୍ବାଧିକ ତୈଳ କିଣୁଥିବା ଦେଶ ହୋଇପାରିଛି। ସାଉଦି ଆରବରୁ ଭାରତ କିଣୁଥିବା ତେଲ ବର୍ତ୍ତମାନ ଋଷରୁ କିଣୁଛି। ଏଥି ସହିତ ଚୀନ୍ ରୁଷରୁ ବହୁ ପରିମାଣରେ ତେଲ ଆମଦାନୀ କରିବା ଆରମ୍ଭ କରିଛି। ଏଭଳି ସ୍ଥିତି ଦେଖି ସାଉଦି ଆରବ ତୈଳ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଯାହାଫଳରେ ଭାରତ ଏବଂ ଚୀନ୍ ସାଉଦି ଆରବରୁ ମଧ୍ୟ ତେଲ କିଣନ୍ତୁ ବୋଲି ଆରାମକୋ ଆଶା କରିଛି। ଯଦି ଭାରତ ପୁଣି ସାଉଦି ଆରବରୁ ତେଲ କିଣିବା ଆରମ୍ଭ କରେ, ତେବେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଏଠାରେ ହ୍ରାସ ପାଇପାରେ ବୋଲି ଆଶା କରାଯାଉଛି।

